

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୭ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 June 2026

Vol.No. 36 ■ No.157 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


## ଜି-୭ ସମ୍ମିଳନୀରେ ହାତ ମିଳାଇଲେ ମୋଦି ଓ ଟ୍ରମ୍ପ: ୧୬ ମାସ ପରେ ହେଲା ଭେଟଘାଟ





ନୂଆଦିଲ୍ଲୀ,୧୬/୬ : ଦୀର୍ଘ ୧୬ ମାସର ବ୍ୟବଧାନ ଓ ଅର୍ଥନୀତିକ ବାଦବିବାଦ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରସ୍ପରକୁ ଭେଟିଛନ୍ତି। ଫ୍ରାନ୍ସରେ ଆୟୋଜିତ ଜି-୭ ସମ୍ମିଳନୀରେ ଉଭୟ ନେତା ପରସ୍ପର ସହ ହାତ ମିଳାଇ ବେଶ କିଛି ସମୟ ଅନଔପଚାରିକ କଥାବାର୍ତ୍ତା କରିଛନ୍ତି। ଆସନ୍ତାକାଲି ଦୁଇ ଜଣଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକର କାର୍ଯ୍ୟକ୍ରମ ରହିଛି। ଭାରତ ଓ ଆମେରିକା ମଧ୍ୟରେ ଖୁବଶୀଘ୍ର ବାଣିଜ୍ୟ ଚୁକ୍ତି କରିବାକୁ ଯାଉଥିବା ବେଳେ ଏହି ଭେଟଘାଟ ଓ ଦ୍ୱିପାକ୍ଷିକ ବୈଠକର ଗୁରୁତ୍ୱ ବେଶ ଅଧିକ ବୋଲି କୁହାଯାଉଛି। ଜି-୭ ସମ୍ମିଳନୀରେ ଯୋଗଦେଇଥିବା ନେତାମାନଙ୍କ ଭେଟଘାଟ ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକର୍ନ ଗୋଟିଏ ବୈଠକର ଆୟୋଜନ କରିଥିଲେ। ଏଥିରେ ଉଭୟ ଟ୍ରମ୍ପ ଓ ମୋଦି ଯୋଗଦେଇଛନ୍ତି। ଉକ୍ତ ମିଟିଂରେ ଟ୍ରମ୍ପ ନିଜ ଆସନରେ ବସିଥିବା ବେଳେ ମୋଦି ସେଠାରେ ପହଞ୍ଚିଥିଲେ। ସ୍ମିତ ହାସ୍ୟ ଦେଇ ମୋଦି ଓ ଟ୍ରମ୍ପ ପରସ୍ପର ସହ ହାତ ମିଳାଇଥିଲେ। ଟ୍ରମ୍ପ ନିଜ ଆସନରୁ ଉଠି ମୋଦିଙ୍କ ହାତ ଧରି ତାଙ୍କ ସହ ବେଶ କିଛି ସମୟ କଥା ହୋଇଥିଲେ। ଏହାପରେ ଉଭୟ ନିଜ ନିଜ ଆସନରେ ପୁଣି ବସିଥିଲେ। ହେଲେ ମୋଦି-ଟ୍ରମ୍ପ ଭେଟଘାଟ ବେଳେ ଦେଖିବାକୁ ମିଳୁଥିବା ଆଲିଙ୍ଗନ ଏଥିରେ ଦେଖିବାକୁ ମିଳିନି। କେବଳ ଭେଟଘାଟ ହାତ ମିଳାଇବାରେ ଅଟକି ଯାଇଛି। ଜି-୭ ଶିଖର ସମ୍ମିଳନୀରେ ମୋଦି-ଟ୍ରମ୍ପ ସାକ୍ଷାତକାର ସବୁଠାରୁ ଅଧିକ ଚର୍ଚ୍ଚିତ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ। କାରଣ ଫେବୃଆରୀ ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତ ପରେ ଏହା ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଭେଟଘାଟ। ସେହିପରି ଭାରତ-ଆମେରିକା ସମ୍ପର୍କରେ ଦେଖାଯାଇଥିବା ତିକ୍ତତା ମଧ୍ୟରେ ଏହି ସାକ୍ଷାତକାର ହୋଇଛି। ଅପରେସନ ସିନ୍ଦୂରର ସହ ଜଡ଼ିତ ଯୁଦ୍ଧ ବିରତି ସମ୍ପର୍କରେ ଟ୍ରମ୍ପଙ୍କ ବେପରୁଆ ବୟାନ ଓ ଭାରତ ଉପରେ ଟ୍ରମ୍ପ ପ୍ରଶାସନର ଟାରିଫ୍ ପଦକ୍ଷେପକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ଦେଖା ଦେଇଥିଲା। ଏପରି ଏକ ସ୍ଥିତିରେ ଫ୍ରାନ୍ସର ଏଭିଆନ୍‌ରେ ଦେଖାଯାଇଥିବା ଦୃଶ୍ୟ ବେଶ ଗୁରୁତ୍ୱ ବହନ କରୁଛି।

## ସ୍କୁଲ ପାଠ୍ୟପୁସ୍ତକରେ ୧୬୭୮ ଭୁଲ: 'ଓଡ଼ିଶା' ବିଧାନସଭା ସ୍ଥାନରେ 'କର୍ଣ୍ଣାଟକ'ର ଚିତ୍ର

ଭୁବନେଶ୍ୱର, ୧୬/୬ (ନି.ପ୍ର): ପ୍ରଥମେ ବହି ମିଳିବାରେ ବିଳମ୍ବ । ଏବେ ନୂଆ ବହିରେ ନାନା ତ୍ରୁଟି । ଯାହା ଏବେ ଶିକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜାତୀୟ ଶିକ୍ଷା ନୀତି ଆଧାରରେ ବଦଳିଛି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହି । ହେଲେ ନୂଆ ବହିରେ ରହିଛି ମାଳମାଳ ଭୁଲ । ଏଭଳି ସ୍ଥିତିରେ ପିଲା କିଭଳି ପାଠ ପଢିବେ ବୋଲି ପ୍ରଶ୍ନ କରିଛନ୍ତି ଶିକ୍ଷକ ଓ ଅଭିଭାବକ । ଅନ୍ୟପଟେ ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ । ଦିନକ ପରେ ଖୋଲିବ ସ୍କୁଲ, ପିଲା ପଢ଼ିବେ ପାଠ । ହେଲେ ବହିରେ ରହିଛି ମାଳମାଳ ତ୍ରୁଟି । କେଉଁଠି ବନାନ୍ ଭୁଲ ତ ଆଉ କେଉଁଠି ମହାପୁରୁଷଙ୍କ ନାମ ଭୁଲ୍ । ଓଡ଼ିଶା ବିଧାନସଭା ଚିତ୍ର ବଦଳରେ ରହିଛି କର୍ଣ୍ଣାଟକ ଚିତ୍ର, ଡଙ୍ଗରିଆ ଜନଜାତିଙ୍କୁ ଲେଖାଯାଇଛି ଡୋଙ୍ଗରିଆ । ଓଡ଼ିଶାର ନିୟମଗିରିକୁ ଝାଡ଼ଖଣ୍ଡର ନିୟମଗିରି ଭାବେ ଦର୍ଶାଯାଇଛି । ଏମିତି କି ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା ଭାବେ ବହିରେ ସ୍ଥାନ ଦିଆଯାଇଛି । ଜାତୀୟ ଶିକ୍ଷା ନୀତି ଆଧାରରେ ବଦଳିଛି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ । ଅଭିଯୋଗ ଅନୁସାରେ ନୂଆ ବହିରେ ରହିଛି ୧୬୭୮ ଭୁଲ । ସର୍ବାଧିକ ୭୦୫ଟି ଭୁଲ ଅଷ୍ଟମ ଶ୍ରେଣୀ ବହିରେ ରହିଛି । ଯାହାକୁ ନେଇ ଶିକ୍ଷକ ଓ ଅଭିଭାବକ ସଂଘ ପ୍ରଶ୍ନ ଉଠାଇଛନ୍ତି । ଏ ସମସ୍ତ ଭୁଲ୍‌କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱୀକାର କରିଛି । କହିଛନ୍ତି, ଜାତୀୟ ଶିକ୍ଷାନୀତି ଆଧାରରେ ପରୀକ୍ଷାମୂଳକ ଭାବେ ଆସିଛି ନୂଆ ସଂସ୍କରଣ । ପ୍ରିଣ୍ଟିଂ ବେଳେ ଅନେକ ତ୍ରୁଟି ଥିବା ସାମନାକୁ ଆସିଛି । ଏନେଇ ବିଭାଗ ଅବଗତ ଅଛି । ଭୁଲ ଚିହ୍ନଟ କରାଯାଇ ତ୍ରୁଟି ସୁଧୁରାଯିବ । ସେପଟେ ଶିକ୍ଷାବିତ କହିଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ଏଭଳି ଦାୟିତ୍ୱହୀନତା, ଚରମ ବିଶୃଙ୍ଖଳାର ତଦନ୍ତ କରନ୍ତୁ । ଖରା ଛୁଟି ପୂର୍ବରୁ ବହି ବଣ୍ଟା କାର୍ଯ୍ୟ ଶେଷ କରିବାକୁ ଗଣଶିକ୍ଷା ଲକ୍ଷ୍ୟ ରଖି ଲକ୍ଷ୍ୟ ରଖିଥିବାବେଳେ ବହିରେ ତ୍ରୁଟି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

## ଚାମେଲିଙ୍କ ମାମଲାରେ ରିପୋର୍ଟ ମାଗିଲେ ଜାତୀୟ ମାନବାଧିକାର ଆୟୋଗ: ଏପଟେ ମିଳିଲା ଜାମିନ



ଭୁବନେଶ୍ୱର, ୧୬/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଂଚାୟତର ସରପଂଚ ଚାମେଲି ଓଝାଙ୍କ ପ୍ରତି ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ରାପଡ଼ା ରାଜନୀତି ସରଗରମ ରହିଛି। ଏହି ସମ୍ବେଦନଶୀଳ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ ରିପୋର୍ଟ ତଲବ କରି ୧୫ଦିନ ସୁଦ୍ଧା ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ପୁଲିସ ୬ଦିନ ପରେ ଚାମେଲିଙ୍କ ଫୋନକୁ ଫେରସ୍ତ କରିଛି। ଏସବୁ ମଧ୍ୟରେ ହସ୍ପିଟାଲରେ ପୁଲିସ ହେପାଜତରେ ଚିକିତ୍ସିତ ହେଉଥିବା ଚାମେଲିଙ୍କୁ ଆଜି ଜାମିନ ମିଳିଛି। କେନ୍ଦ୍ରାପଡ଼ା ଏସଡିଜେଏମ୍ କୋର୍ଟ ଆଜି ଚାମେଲିଙ୍କୁ ୩୦ହଜାର ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଛି। ପୁଲିସକୁ ଆକ୍ରମଣ କରିବା ଘଟଣାରେ ତାଙ୍କୁ ଗତ ୧୧ତାରିଖରେ ଗିରଫ କରିଥିଲା ମହାକାଳପଡ଼ା ପୁଲିସ। ସାମାଜିକ କର୍ମୀ ମନୋଜ ଜେନାଙ୍କ ଅଭିଯୋଗ ଆଧାରରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି। ବିଡିଓଙ୍କ ଅଭିଯୋଗ ଆଧାରରେ ଚାମେଲି ଓଝାଙ୍କ ବିରୋଧରେ ହତ୍ୟା ଉଦ୍ୟମ, ସରକାରୀ କର୍ମଚାରୀଙ୍କୁ ଆହତ କରିବା ଓ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ସାଙ୍ଘାତିକ ଦଫାର ମିଥ୍ୟା ମାମଲା ରୁଜୁ କରାଯାଇଥିବା ନେଇ ଶ୍ରୀ ଜେନା ଅଭିଯୋଗ କରିଛନ୍ତି।

◆◆ପୃଷ୍ଠା ୭

## ମନି ଲଣ୍ଡରିଂ ମାମଲାରେ ମୁମ୍ବାଇ, ନୂଆଦିଲ୍ଲୀ ସମେତ ୧୭ଟି ସ୍ଥାନରେ ଇଡି ଚଢ଼ଉ

ନୂଆଦିଲ୍ଲୀ,୧୬/୬ : ୟେସ୍ ବ୍ୟାଙ୍କ ଋଣ ଠକେଇ ଏବଂ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ମୁମ୍ବାଇ, ଖଣ୍ଡାଲା ଏବଂ ନୂଆଦିଲ୍ଲୀରେ ଏକସଙ୍ଗେ ୧୭ଟି ସ୍ଥାନରେ ଚଢ଼ଉ କରିଛି। ମେସର୍ସ ସୁରକ୍ଷା ଆସେଟ୍ ରିକଂଷ୍ଟ୍ରକ୍ସନ୍ କମ୍ପାନୀ ଲିମିଟେଡ୍ (ଏସ୍. ଏ. ଆର. ସି. ଏଲ୍.), ମେସର୍ସ ସୁରକ୍ଷା ରିଅଲିଟି ଲିମିଟେଡ୍, ମେସର୍ସ ଖ୍ୟାତି ରିଅଲିଟର୍ସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେମାନଙ୍କ ପ୍ରମୋଟର, ନିର୍ଦ୍ଦେଶକ ଏବଂ କର୍ମଚାରୀଙ୍କ ପରିସରରେ ଏହି ଚଢ଼ଉ କରାଯାଇଛି। ଇଡି ଅନୁଯାୟୀ, ଇଡି ର ମୁମ୍ବାଇ ଜୋନାଲ ୱିଙ୍ଗ (ଜୋନାଲ ଅଫିସ୍-୧) ର ଦଳ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନର ଏକ ଅଂଶ ଭାବରେ ୟେସ୍ ବ୍ୟାଙ୍କର ଜଣେ ପୂର୍ବତନ କର୍ମଚାରୀଙ୍କ ପରିସରରେ ମଧ୍ୟ ଅନୁସନ୍ଧାନ କରାଯାଇଥିଲା।

## ବଦଳି ପାଇଁ ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍ କରି ଫସିଲେ ଦୁଇ ବ୍ଲକ ସହକାରୀ ଯନ୍ତ୍ରୀ: ଥାନାରେ ଏଫଆଇଆର

ଭୁବନେଶ୍ୱର, ୧୬/୬ (ନି.ପ୍ର): ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତକୁ ରାଜ୍ୟ ସରକାରଙ୍କ ଦୁଇଜଣ ଇଞ୍ଜିନିୟର ଜାଲିଆତି କରିଥିବା ଭଳି ସଙ୍ଗୀନ ଅଭିଯୋଗ ପଦାକୁ ଆସିଛି। ଏନେଇ କ୍ୟାପିଟାଲ ଥାନାରେ ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶ' ଲିଖିତ ଅଭିଯୋଗ ପରେ ପ୍ରଶାସନିକ ମହଲରେ ଝଡ଼ ସୃଷ୍ଟି ହୋଇଛି। କ୍ୟାପିଟାଲ ଥାନାରେ ଦାଏର ଏଫଆଇଆରରେ ଦର୍ଶାଯାଇଛି ଯେ, ନିଜର ବଦଳି ପାଇଁ ଦୁଇଜଣ ସରକାରୀ କର୍ମଚାରୀ(ଇଞ୍ଜିନିୟର) ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ସରକାରୀ ପ୍ୟାଡକୁ ଅପବ୍ୟବହାରର କରିଛନ୍ତି। ବାଂଶପାଳ ବ୍ଲକର ଅତିରିକ୍ତ ସହକାରୀ ଯନ୍ତ୍ରୀ(ଏଇଇ) ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ମିଳିତ ଭାବେ ଏହି ସଙ୍ଗୀନ ଜାଲିଆତି କରିଛନ୍ତି। ସେମାନେ ନିଜର ବଦଳି ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଓ ସଦର ବ୍ଲକକୁ କରାଇବା ପାଇଁ ଏକ ଅଭିନବ ଉପାୟ ଆପଣାଇଥିବା ଜଣାପଡ଼ିଛି। ଉପବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସେମାନଙ୍କ ବଦଳି ସୁପାରିଶ ପାଇଁ କୌଣସି ଚିଠି

◆◆ପୃଷ୍ଠା ୭

## ଔଷଧକୁ ନେଇ ସରକାରଙ୍କ କଡ଼ା ଆଭିମୁଖ୍ୟ : ବିନା ପ୍ରେସ୍କ୍ରିପ୍‌ସନ୍‌ରେ କିଣିପାରିବେନି କଫ୍ ସିରପ୍, ଜାରି ହେଲା ନୋଟିଫିକେସନ୍

ନୂଆଦିଲ୍ଲୀ,୧୬/୬ : ଦେହ ଖରାପ ଲାଗିଲେ ଆମେ ଔଷଧ ଦୋକାନକୁ ଯାଇ ମେଡିସିନଟିଏ କିଣିଆଣି ଖାଇଦେଉ । କିନ୍ତୁ ବର୍ତ୍ତମାନ ଆଉ ଏମିତି କରିପାରିବେ ନାହିଁ । ଔଷଧ ଦୋକାନରୁ ସହଜରେ କଫ୍ ସିରପ୍ କିମ୍ବା ଅନ୍ୟ କୌଣସି ସିରପ୍ କିଣୁଥିବା ଗ୍ରାହକମାନଙ୍କ ପାଇଁ ଏବେ ଆସିଛି ଏକ ବଡ଼ ଖବର । କେନ୍ଦ୍ର ସରକାର 'ଡ୍ରଗ୍ସ ରୁଲ୍ସ, ୧୯୪୫'ରେ ଏକ ବଡ଼ ପରିବର୍ତ୍ତନ କରି ସିରପ୍ ବିକ୍ରି ନିୟମକୁ ପୂର୍ବ ଅପେକ୍ଷା ଆହୁରି କଡ଼ାକଡ଼ି କରିଦେଇଛନ୍ତି । ନୂଆ ନିୟମ ଅନୁଯାୟୀ, ଏବେ ଫାର୍ମାସିରୁ ଯେକୌଣସି ମେଡିସିନାଲ୍ ସିରପ୍ କିଣିବା ପାଇଁ ଗ୍ରାହକମାନଙ୍କୁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଦେଖାଇବା ବାଧ୍ୟତାମୂଳକ ହେବ।

◆◆ପୃଷ୍ଠା ୭

## ଖୁବ୍‌ଶୀଘ୍ର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ ଭତ୍ତା ଟଙ୍କା: ମନ୍ତ୍ରୀ

ଭୁବନେଶ୍ୱର, ୧୬/୬ (ନି.ପ୍ର): ଭତା ଟଙ୍କା ନପାଇ ଚିନ୍ତାରେ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଖୁବ୍ ଶୀଘ୍ର ଭତା ଟଙ୍କା ଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଉ କିଛି ଦିନ ପରେ ହିତାଧିକାରୀଙ୍କୁ ଭତା ଟଙ୍କା ମିଳିବ। ସଫ୍ଟୱେୟାରରେ କିଛି ତ୍ରୁଟି ରହିଯାଇଛି, ତାକୁ ସଂଶୋଧନ କରାଯାଉଛି।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

| FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent |
| --- | --- | --- | --- |

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


## ମମତାଙ୍କ ପରେ ଉଦ୍ଧବଙ୍କ ପାଳି: ଡାକିଲେ ବୈଠକ, ହେଲେ ଆସିଲେନି ଅଧା ସାଂସଦ



ନୂଆଦିଲ୍ଲୀ,୧୬/୬ : ମହାରାଷ୍ଟ୍ରର ରାଜନୀତିରେ ପୁଣିଥରେ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ହେବାକୁ ଯାଉଛି କି ? ଶିବସେନା (ୟୁବିଟି)ର ୭ ଜଣ ସାଂସଦ ଏବଂ ୧୬ ଜଣ ବିଧାୟକ ଏକନାଥ ସିନ୍ଦେ ଶିବିର ସହ ଯୋଗାଯୋଗରେ ଅଛନ୍ତି ? ଏପରି ଚର୍ଚ୍ଚା ଏବେ ରାଜ୍ୟର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଆଲୋଚନାକୁ ଆହୁରି ବଳ ମିଳିଥିଲା ଯେତେବେଳେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ରବିବାର ମୁମ୍ବାଇସ୍ଥିତ ନିଜ ବାସଭବନ 'ମାତୋଶ୍ରୀ'ରେ ଦଳର ସମସ୍ତ ଲୋକସଭା ସାଂସଦଙ୍କ ବୈଠକ ଡାକିଥିଲେ । ଏହା ପରେ ରାଜନୈତିକ ମହଲରେ ଅଟକଳ ଆହୁରି ବଢ଼ିଯାଇଛି । ଚର୍ଚ୍ଚା ହେଉଛି ଯେ, ଶିବସେନା (ୟୁବିଟି)ର ଅନେକ ସାଂସଦ ଏବଂ ବିଧାୟକ ଦଳୀୟ ନେତୃତ୍ୱର କାର୍ଯ୍ୟଶୈଳୀକୁ ନେଇ ଅସନ୍ତୁଷ୍ଟ ଅଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ସହ ସମ୍ପର୍କରେ ଥିବା ନେଇ ଦାବି କରାଯାଉଛି । କୁହାଯାଉଛି ଯେ, ଆସନ୍ତା କିଛି ଦିନ ମଧ୍ୟରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିପାରେ। ତେବେ ଏହି ଦାବିଗୁଡ଼ିକର ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପୁଷ୍ଟି ହୋଇନାହିଁ। ରବିବାର ମାତୋଶ୍ରୀରେ ଅନୁଷ୍ଠିତ ବୈଠକ ପରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି ଯେ, ଦଳର ସମସ୍ତ ୯ ଜଣ ଲୋକସଭା ସାଂସଦ ସତରେ ଉଦ୍ଧବ ଠାକରେଙ୍କ ସହ ଅଛନ୍ତି? ଉଦ୍ଧବ ଗୋଷ୍ଠୀର ଦାବି ହେଉଛି ଯେ, ସମସ୍ତ ସାଂସଦ ବୈଠକରେ ଯୋଗଦେଇଥିଲେ। କେତେକ ନେତା ସିଧାସଳଖ ମାତୋଶ୍ରୀକୁ ଆସିଥିବା ବେଳେ, ଯେଉଁମାନେ ମୁମ୍ବାଇ ବାହାରେ ଥିଲେ ସେମାନେ ଭିଡିଓ କନଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ। ତଥାପି ରାଜନୈତିକ ମହଲରେ ଦଳ ଭିତରେ ଅସନ୍ତୋଷ ବଢୁଥିବା ନେଇ ଚର୍ଚ୍ଚା ଜାରି ରହିଛି। ସୂତ୍ରମାନଙ୍କ ଅନୁସାରେ, ଅନେକ ସାଂସଦ ଏବଂ ବିଧାୟକ ଦଳୀୟ ନେତୃତ୍ୱର କାର୍ଯ୍ୟପଦ୍ଧତିକୁ ନେଇ ସନ୍ତୁଷ୍ଟ ନୁହନ୍ତି। କିନ୍ତୁ ସେମାନେ ବର୍ତ୍ତମାନ ଖୋଲାଖୋଲି ନିଜ ମତ ପ୍ରକାଶ କରୁନାହାନ୍ତି। ସୂତ୍ରମାନଙ୍କ ଅନୁଯାୟୀ, ବୈଠକ ସମୟରେ ଉଦ୍ଧବ ଠାକରେ ନେତାମାନଙ୍କୁ ସ୍ୱଷ୍ଟ ବାର୍ତ୍ତା ଦେଇଥିଲେ। କୁହାଯାଉଛି ଯେ, ସେ କହିଥିଲେ— ଯଦି କେହି ଦଳ ଛାଡ଼ିବାକୁ ଚାହୁଁଛନ୍ତି, ତେବେ ସେ ଯାଇପାରନ୍ତି ଏବଂ ଏଥିରେ ଦଳର କୌଣସି କ୍ଷତି ହେବ ନାହିଁ। ତେବେ ସେ ଏହା ମଧ୍ୟ କହିଥିଲେ ଯେ, ସମୟ ବଦଳିଲେ ଦଳ ଛାଡ଼ି ଯାଇଥିବା ନେତାମାନଙ୍କର ରାଜନୈତିକ ହିସାବ ନିଶ୍ଚିତ ଭାବେ ନିଆଯିବ।

◆◆ପୃଷ୍ଠା ୭

## ଇଣ୍ଡୋନେସିଆରେ ୬.୭ ତୀବ୍ରତାଯୁକ୍ତ ଭୂମିକମ୍ପ: ଭୟରେ ଘରୁ ବାହାରକୁ ଦୌଡ଼ିଲେ ଲୋକେ

ନୂଆଦିଲ୍ଲୀ, ୧୬/୬ : ଇଣ୍ଡୋନେସିଆର କିଛି ସ୍ଥାନରେ ମଙ୍ଗଳବାର ସକାଳେ ୬.୭ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି। ଗୋଟିଏ ମିନିଟ୍‌ରୁ ଅଧିକ ସମୟ ପାଇଁ କମ୍ପନ ହୋଇଥିଲା। କ୍ଷୟକ୍ଷତି କିମ୍ବା ମୃତାହତଙ୍କ ବିଷୟରେ ତୁରନ୍ତ କୌଣସି ସୂଚନା ଉପଲବ୍ଧ ହୋଇନାହିଁ। ଭୂମିକମ୍ପ ହେବାରୁ ଲୋକମାନେ ଭୟରେ ଘରୁ ବାହାରକୁ ଦୌଡ଼ିବାକୁ ଲାଗିଥିଲେ। ସୂଚନା ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ କେନ୍ଦ୍ରୀୟ ସୁଲାୱେସି ପ୍ରଦେଶର ରାଜଧାନୀ ପାଲୁରୁ ୪୬ କିଲୋମିଟର ପୂର୍ବ-ଦକ୍ଷିଣପୂର୍ବରେ ଥିଲା। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁସାରେ, ଏହା ଭୂପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିବା ଅନୁମାନ କରାଯାଉଛି। ଇଣ୍ଡୋନେସିଆ ଅନେକ ଭୂକମ୍ପୀୟ ଫଲ୍ଟ ଦ୍ୱାରା ଘେରି ରହିଛି । ସେଠାରେ ଭୂମିକମ୍ପ ଏବଂ ଆଗ୍ନେୟଗିରି ଉଦ୍‌ଗିରଣ ପ୍ରାୟତଃ ହୋଇଥାଏ।

# ରୋଟାଭେଟରରେ ସଂସ୍ପର୍ଶରେ ଆସି ଚାଲିଗଲା ଯୁବକଙ୍କ ଜୀବନ

ନୀଳଗିରି , ୧୬/୦୬ (ନି.ପ୍ର): ନୂଆ ରୋଟାଭେଟର ଆଣି ଖୁସିରେ ଟ୍ରାଏଲ କରିବା ପରେ ବନ୍ଦ କରିବାକୁ ଯାଇ ଅସାବଧାନତା ଯୋଗୁଁ ରୋଟରରେ ଟାଣିହୋଇ ଜଣେ ୧୮ବର୍ଷୀୟ ଯୁବକଙ୍କ ଜୀବନ ଯାଇଛି। ସୂଚନା ମୁତାବକ ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ଗ୍ରାମର ରାଜେନ୍ଦ୍ର ସଲଙ୍କ ପୁଅ ପିଣ୍ଟୁ ଆଗାମୀ ଖରିଫ ଚାଷଉପଲକ୍ଷେ ଏକ ନୂତନ ରୋଟାଭେଟର କିଣିଆଣି ଅପରାହ୍ନ ପ୍ରାୟ ୫ଟା ସମୟରେ ଖୁସିରେ ଟ୍ରାଏଲ କରିଥିଲେ। ତେବେ ରୋଟରକୁ ବନ୍ଦ କରିବାସମୟରେ ହଠାତ୍ ରୋଟର ବ୍ଲେଡରେ ଟାଣିହୋଇ ସମଗ୍ରଶରୀର ପେଶି ହୋଇଯାଇଥିଲା। ଘଟଣାସ୍ଥଳରେ ପିଣ୍ଟୁର ଜୀବନ ଯାଇଥିବା ବେଳେ ନୀଳଗିରି ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କରିଥିଲେ ହେଁ ଘଟଣାସ୍ଥଳରେ ଯୁବକଙ୍କ ଜୀବନ ଚାଲିଯାଇଥିଲା। ପରେ ନୀଳଗିରି ହସ୍ପିଟାଲ ଅଣାଯାଇଥିଲେ ହେଁ ଡାକ୍ତର ମୃତ୍ୟୁଘୋଷଣା କରିଥିଲେ। କ୍ଷଣିକ ଖୁସି ପରିବାରରେ ଦୁଃଖର ପରିଣତ ହୋଇଥିଲା।

# ଶିଳ୍ପ ମନ୍ତ୍ରୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ଅଭିଯାନରେ ସାମିଲ



ପାରାଦ୍ୱୀପ , ୧୬/୦୬ (ନି.ପ୍ର): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ଅଭିଯାନରେ ଓଡିଶା ସରକାର ଙ୍କ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଏଲଓ ଙ୍କ ଦ୍ୱାରା ଏହି ପ୍ରକ୍ରିୟା ରେ ସାମିଲ ହେବା ସହ ବିଏଲଓ ମାନଙ୍କୁ ସକ୍ରିୟ ସହଯୋଗ କରିବା ପାଇଁ ସେ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବାରେ ଜନସହଭାଗିତାର ଗୁରୁତ୍ୱ ଉଲ୍ଲେଖ କରି ସେ ଭୋଟରମାନଙ୍କୁ ପରିଗଣନା ଫର୍ମର ବଣ୍ଟନ, ଯାଞ୍ଚ ଓ ଦାଖଲ ପ୍ରକ୍ରିୟାରେ ବିଏଲଓ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ପ୍ରତ୍ୟେକ ଭୋଟରଙ୍କ ସହଯୋଗ ଏକ ସଠିକ୍, ଅନ୍ତର୍ଭୁକ୍ତିମୂଳକ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଆବଶ୍ୟକ, ଯାହାଦ୍ୱାରା କୌଣସି ଯୋଗ୍ୟ ଭୋଟର ବାଦ ନ ପଡନ୍ତି।

# ୬୦ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଖୋର୍ଦ୍ଧା, ୧୬/୦୬ (ନି.ପ୍ର):ଖୋର୍ଦ୍ଧ ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଅବକାରୀ ଅଧିକ୍ଷିକ ରାଧା କାନ୍ତ ଭୋଇ ଏବଂ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ, ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକଙ୍କର ନେତୃତ୍ୱରେ ମଙ୍ଗଳବାର ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଦୋଳପଡ଼ିଆ ସାମ୍ନା ରାସ୍ତାରେ ଚଢାଉ କରାଯାଇ ଓଡ଼ି ୦୨ସି ଡବ୍ଲୁ ୬୫୩୧ ନମ୍ବର ଏକ ଧଳା ରଙ୍ଗର ଡିଜାୟର ସହିତ ତିନି ଗୋଟି କରି ବସ୍ତାରେ ଥିବା ୬୦ କେଜି ଗଞ୍ଜେଇ ଜବତ କରି ଜଣକୁ ଗିରଫ କରିଛି। ଗିରଫ ଜଣକ ହେଲେ ଫୁଲବାଣୀ ଶୁଣ୍ଡି ସାହି, ଥାନା ଫୁଲବାଣୀ ଟାଉନର ଅମିତ୍ କୁମାର ସାହୁ । ଏହି ବ୍ୟକ୍ତିକୁ କୋର୍ଟ ଚାଲାଣ କରାଯାଇଛି । ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କା ହେବ। ଏହି ଗଞ୍ଜେଇ ଭର୍ତି କାର ଫୁଲବାଣୀରୁ ଭୁବନେଶ୍ୱର ଚାଲାଣ କରାଯାଉଥିଲା।

# ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ମୟୂରଭଞ୍ଜରୁ ୩୦ ଜଣ ଶ୍ରଦ୍ଧାଳୁଙ୍କ ତୀର୍ଥଯାତ୍ରା ଆରମ୍ଭ




ବାରିପଦା, ୧୬/୦୬ (ନି.ପ୍ର): ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ଚଳିତ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ ଜଣ ଶ୍ରଦ୍ଧାଳୁ ଯୋଗଦେଇ ପବିତ୍ର ସୋମନାଥ ଧାମ ଦର୍ଶନ ପାଇଁ ଯାତ୍ରା କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନାୟକ କହିଥିଲେ ଯେ, ସୋମନାଥ ସ୍ୱାଭିମାନ ପର୍ବ କେବଳ ଏକ ତୀର୍ଥଯାତ୍ରା ନୁହେଁ, ବରଂ ଏହା ଶ୍ରଦ୍ଧା, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ସୁନ୍ଦର ସମନ୍ୱୟ । ଏଭଳି ଯାତ୍ରା ମାଧ୍ୟମରେ ଲୋକମାନେ ନିଜର ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ କରିବା ସହ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରିବେ । ଏହା ସାମାଜିକ ସରସତା, ନୈତିକ ମୂଲ୍ୟବୋଧ ଏବଂ ଜାତୀୟ ଏକତାର ଭାବନାକୁ ମଧ୍ୟ ଅଧିକ ସୁଦୃଢ଼ କରିଥାଏ । ସେ ଆହୁରି କହିଥିଲେ ଯେ, ଭାରତର ପ୍ରାଚୀନ ଧାର୍ମିକ ଓ ସାଂସ୍କୃତିକ ପରମ୍ପରା ବିଶ୍ୱ ଦରବାରରେ ଦେଶର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ପରମ୍ପରାର ସଂରକ୍ଷଣ ଓ ପ୍ରସାର ସହ ନୂତନ ପିଢ଼ି ମଧ୍ୟରେ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ପାଇଁ ଏଭଳି ଯାତ୍ରା ବେଶ୍ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ମାନସୀ ତରାଇ ମଧ୍ୟ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଯାତ୍ରା ସୁସ୍ଥ, ସୁରକ୍ଷିତ ଓ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ। ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ଏହି ସୁଯୋଗ ପାଇଁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ପବିତ୍ର ସୋମନାଥ ଧାମ ଦର୍ଶନ ନିଜ ଜୀବନର ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଡଃ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସାମ୍ବାଦିକ ସମ୍ମିଳନୀ : ଦୁଇ ବର୍ଷର ବିକାଶ ଯାତ୍ରାର ସଫଳତା ଉପସ୍ଥାପନ

ଭଦ୍ରକ, ୧୬/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ଭଦ୍ରକ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଭଦ୍ରକ ଜିଲ୍ଲାର ଗତ ଦୁଇ ବର୍ଷର ବିକାଶମୂଳକ ସଫଳତା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଭଦ୍ରକ ଜିଲ୍ଲା ବିକାଶର ଏକ ନୂତନ ଅଧ୍ୟାୟ ରଚନା କରିଛି। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଗୁଡ଼ିକର ସଫଳ ରୂପାୟନ ମାଧ୍ୟମରେ ସାଧାରଣ ଲୋକଙ୍କ ଜୀବନମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି।ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬,୧୦୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ମଞ୍ଜୁ କରାଯାଇଥିବାବେଳେ ୧,୮୬୪ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ୯୬ କୋଟି ଟଙ୍କା ବ୍ୟୟରେ ୨,୪୪୬ଟି ପ୍ରକଳ୍ପ ଅନୁମୋଦନ ହୋଇଥିବାବେଳେ ୧,୧୨୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇସାରିଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ଭଦ୍ରକ ଜିଲ୍ଲା ରାଜ୍ୟର ଅଗ୍ରଣୀ ଜିଲ୍ଲାମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଜିଲ୍ଲାରେ ୧,୧୨,୩୧୩ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବାବେଳେ ୪,୨୦୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୨ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ଏବଂ ୪,୭୧୬ଟି ଗୋଷ୍ଠୀଙ୍କୁ ୭୦ କୋଟି ଟଙ୍କାର ଉଓର ସହାୟତା ପ୍ରଦାନ କରାଯାଇଛି।କୃଷି ଓ ଜୀବିକା ବିକାଶ ପାଇଁ ୮ଟି ସମନ୍ୱିତ କୃଷି କ୍ଲଷ୍ଟର ସ୍ଥାପନ କରାଯାଇଥିବା ବେଳେ ୩୯ ହଜାରରୁ ଅଧିକ ମହିଳା କୃଷକଙ୍କୁ କୃଷି ପୁଷ୍ଟି ବଗିଚା ପାଇଁ ସହାୟତା ପ୍ରଦାନ କରାଯାଇଛି। ଚଗରଗର ଯୋଜନାରେ ୩୬୮ ଜଣ ଉଦ୍ୟୋଗୀ ଆର୍ଥିକ ସହାୟତା ପାଇଛନ୍ତି।ସାମାଜିକ ସୁରକ୍ଷା କ୍ଷେତ୍ରରେ ଦୁଇ ଲକ୍ଷରୁ ଅଧିକ ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ହିତାଧିକାରୀ ପେନସନ ସୁବିଧା ପାଉଥିବାବେଳେ ୧୧୩ଟି ବ୍ୟାଙ୍କ ସେବା ବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଯାଇଛି। ଯୁବବର୍ଗଙ୍କ ପାଇଁ କୌଶଳ ବିକାଶ, ନିଯୁକ୍ତି ମେଳା ଓ ସ୍ୱରୋଜଗାର ସୁଯୋଗ ସୃଷ୍ଟି କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୬୫ କୋଟି ଟଙ୍କା ବ୍ୟୟରେ ୪୧ଟି ରାସ୍ତା ନିର୍ମାଣ କରାଯାଇଛି। ଏହାସହ ଧାମନଗରରେ ଶ୍ରୀ ମୁକୁନ୍ଦ ଦେବ ସ୍ମାରକ ପାର୍କ ଏବଂ ଲୁଣିଆ ସହୀଦ ସ୍ମୃତିପୀଠର ଉନ୍ନୟନ ପାଇଁ ୨୦ କୋଟି ଟଙ୍କାର ସହାୟତା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ। ଏହା ସହିତ ସୋସିଆଲ ମିଡିଆଇନ୍ଫ୍ଲୁଏନ୍ସର ମାନଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମ ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ପାଳିତ



ଭଦ୍ରକ, ୧୬/୦୬ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ବାସୁଦେବପୁରସ୍ଥିତ ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମରେ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବୃଦ୍ଧବୃଦ୍ଧାଙ୍କ ପ୍ରତି ସମ୍ମାନ, ସୁରକ୍ଷା ଓ ସହାନୁଭୂତିଶୀଳ ବ୍ୟବହାର ନିଶ୍ଚିତ କରିବା ପାଇଁ ସମାଜର ସମସ୍ତ ବର୍ଗର ଲୋକଙ୍କ ସଚେତନତା ଓ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଆଭା ରଞ୍ଜିତା ପୁହାଣ, ପ୍ରତିପକ୍ଷ ଓକିଲ ତଥା ନ୍ୟାୟ ରକ୍ଷକ ଶ୍ରୀ ତାପସ କୁମାର ମହାନ୍ତି ଏବଂ ଆଶ୍ରମର ପରିଚାଳକା ଶ୍ରୀମତୀ ବାସନ୍ତୀ ମଲ୍ଲିକ ଉପସ୍ଥିତ ରହି ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ ବିଷୟରେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ବୃଦ୍ଧବୃଦ୍ଧାଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଚଳିତ ବିଭିନ୍ନ ଯୋଜନା, ସେମାନଙ୍କର ଆଇନଗତ ଅଧିକାର ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ନିର୍ମାଣଧିନ ପୋଲତଳକୁ ଖସି ୨ ମୃତ



ନୀଳଗିରି, ୧୬/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଶେରଗଡ଼ ନୀଳଗିରି ଝରଣଘାଟି ରାସ୍ତା ୧୯ନମ୍ବର ରାଜ୍ୟରାଜପଥର ତେଲିପାଳ ନିକଟରେ ପହିଲିରଜ ଅବସରରେ ରବିବାର ରାତ୍ରୀପ୍ରାୟ ୧୦ ଘଟିକା ସମୟରେ ୨ ବାଇକଆରୋହୀ, ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଖୁମକୁଟ ଅଞ୍ଚଳର ରାମଦାସ ସୋରେନଙ୍କ ପୁଅ ଦିଲିପ୍ (୩୦) ଓ ଶଙ୍କରା ମୁର୍ମୁ ଙ୍କ ପୁଅ ନରେନ୍ଦ୍ର (୪୦) ମୟୁରଭଞ୍ଜ ଉଦଳାରୁ ବନ୍ଧୁ ଘରୁ ଯାଇ ସେଠାରେ କାମ ସାରି ନିଜ ଗାଁ ଖୁମକୁଟକୁ ଫେରୁଥିବା ବେଳେ ୧୯ନମ୍ବର ରାଜ୍ୟରାଜପଥର ତେଲିପାଳ ନିକଟରେ ପୂର୍ତ୍ତ ବିଭାଗ ଏକ ରାସ୍ତାରେ ପୋଲ ନିର୍ମାଣ ଚାଲିଥିବା ବେଳେ ସେଠାରେ ଠିକାଦାରଙ୍କ ଦ୍ୱାରା ଏକ ଡାଇଭର୍ସନ ରାସ୍ତା ନିର୍ମାଣ ହୋଇଛି। ଏହି ବାଇକ୍ ଆରୋହୀଙ୍କ ଅସାବଧାନତା କାରଣରୁ ରାସ୍ତା ଜାଣି ନପାରି ପୋଲ ତଳକୁ ଖସି ମର୍ମନ୍ତୁଦ ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ୨ ବାଇକ ଆରୋହୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବାଇକଟିକୁ ଜବତ୍ କରିଥିଲେ।

# ତିନି ରଥରେ ଘୋଡା ଲାଗିବା ପାଇଁ ଚାରପରିଛା ଫିଟିଙ୍ଗ

ପୁରୀ, ୧୬/୦୬ (ନି.ପ୍ର): ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତି। ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଂଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକମାନେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ମଙ୍ଗଳବାର ରଥ ନିର୍ମାଣର ୫୭ ତମ ଦିବସରେ ରଥ ନିର୍ମାଣକାରି ସେବକମାନେ ପୂର୍ବଦିନ ପରି ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ସୁଦ୍ଧା ତିନିରଥ ଉପର ତୃତୀୟ ଭୂଇଁ ଫ୍ରେମ ଉପରେ ଏକ ନମ୍ବର ବଡ଼ ଥଳ ପୋଟଳ ସ୍ଥାପନ ହେବା ସହ, ରଥ ଉପର ପଟା ବାଡ଼ିଆ ପୂର୍ବରୁ ତାଗ ବା ବଟନ୍ ବାଡ଼ିଆ କାର୍ଯ୍ୟ ଜାରୀ ରହିଥିଲା । ମଙ୍ଗଳବାର ଅପରାହ୍ନରେ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଭୋଇ ସେବକ ମାନେ ମିଶି ତିନି ରଥର ମୂଳ କଇଂଚି ବା ଚାରି ନାହାକା କଇଂଚି ତିନିରଥରେ ଦୁଇଟି ଲେଖାଏଁ ଉଭୟ ପାର୍ଶ୍ୱରେ ପଡ଼ିଅଛି । ଏହି କଇଂଚି ତିନିରଥ ଭୂଇଁକୁ ମଜବୁତ୍ କରି ରଖିବା ପାଇଁ ଚାରି ନାହାକା ଭିତର ପାର୍ଶ୍ୱରେ ଚାର ନାହାକା ମୂଳରୁ କ୍ରସ କରି ଫିଟିଙ୍ଗ କରାଯାଇଛି । ରଥ ଚାଳିରେ ମହାରଣା ସେବକ ମାନେ ତିନିରଥର ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଛନ୍ତି। ମହାରଣା ସେବକ ମାନେ ତିନିରଥର ଦୁଆର ବେଡ଼ା ପାଇଁ ୮ ଟି ଲେଖାଏଁ ଗାରେଡ଼ି ଏବଂ ୪ ଗୋଟି ଲେଖାଏଁ ଅଁଳା ନିର୍ମାଣ ଶେଷ କରିଛନ୍ତି। ଆଜି ତିନିରଥର ଘୋଡ଼ା ସେଟିଙ୍ଗ ପାଇଁ ତିନି ରଥ ସମ୍ମୁଖ ଭାଗ ନୀରାଡ଼ି ତଳ ଭାଗରେ ଗୋଟିଏ ଗୋଟିଏ ଚାର ପରିଛା ଫିଟିଙ୍ଗ ସହ କଂଟା ପଡ଼ିବା ଶେଷ ହୋଇଛି। ଏହି ଚାର ପରିଛାରେ ଇସ ସଂଯୋଗ ହୋଇ ରଥରେ ଘୋଡ଼ା ଲାଗିବାରେ ସହାୟକ ହୋଇଥାଏ। ଏଥିସହ ଆଜି ତିନିରଥର ଆଗ ଆଣି ପଛ ଆଣି ଦୁଇଟି ଲେଖାଏଁ କତରା ତିନିରଥରେ ସେଟିଙ୍ଗ କାର୍ଯ୍ୟ ଶେଷ ହୋଇଅଛି। ରୂପକାର ସେବକ ମାନେ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ପଦ୍ମ ଫୁଲ, ମୟୂର ଏବଂ ଡାଳି ଲତା ଖୋଦେଇ ଶେଷ ପରେ ତିନିରଥର ଭୋଇ ସେବକ ମାନଙ୍କୁ ଫିଟିଙ୍ଗ ପାଇଁ ଯୋଗାଇ ଦେବା ସହ ତିନିରଥର ଦୁଆର ବେଡ଼ା ପାଇଁ ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି।

ଚିତ୍ରକାର ସେବକ ମାନେ ପାର୍ଶ୍ୱ ଦେବ ଦେବୀ ମାନଙ୍କ ମୂର୍ତି ଗୁଡିକରେ ରଙ୍ଗ କାର୍ଯ୍ୟ ସହ ତିନି ରଥର ବାହ୍ୟ ଅଂଶ ଯଥା ଚକ, କୋଣ ଗୁଜ, ପଟା ଗୁଜ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରୀ ରଖିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାସୁଦେବପୁର , ୧୬/୦୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅର ଣ୍ଡୁଆ ବନମାଳୀ ଦାଶ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସଭାପତି ସୁରେଶ ଚନ୍ଦ୍ର ଶତପଥୀ,ସମ୍ପାଦକ ଲକ୍ଷ୍ମଣ କୁମାର ଶତପଥୀ, କୋଷାଧକ୍ଷ ରାଜେନ୍ଦ୍ର ନାରାୟଣ କର, ଅରୁଣ କୁମାର ଶତପଥୀ, ଅବସର ପ୍ରାପ୍ତ ଶିକ୍ଷକ ସୁଦର୍ଶନ ଅଗସ୍ତି, ରତ୍ନାକର ବିଶ୍ୱାଳ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ଉମେଶ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ସାମନ୍ତ, ରଘୁନାଥ ମୁଦୁଲି, କୃତିବାସ ପଣ୍ଡା, ସୁନ୍ଦର ନାରାୟଣ ମହାକୁଡ଼, ବିକାଶ ରଞ୍ଜନ ପଣ୍ଡା, ସନାତନ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ ଏବଂ ସୁବର୍ଣ୍ଣ ଜୟନ୍ତୀ କିପରି ସୁନ୍ଦର ଭାବେ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨୦୨୬ ଡିସେମ୍ବର ମାସ ୨୫,୨୬ ଓ ୨୭ ତାରିଖ ରେ ଏହି ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ, ବିଭିନ୍ନ ବିଭାଗର ମନ୍ତ୍ରୀ, ସାଂସଦ, ବିଧାୟକ, ଚଳଚ୍ଚିତ୍ର ତାରକା,ବୈଜ୍ଞାନିକ, ସମାଜସେବୀ, କଣ୍ଠଶିଳ୍ପୀ ପ୍ରମୁଖ ଯୋଗ ଦେବେ ବୋଲି ସଭାପତି ଓ ସମ୍ପାଦକ ମତ ପ୍ରକାଶ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ, ଜନ ସାଧାରଣ ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେବା ପାଇଁ କମିଟି ପକ୍ଷରୁ ନିବେଦନ କରା ଯାଇଛି।

# ବନ୍ଧୁ ସାଜିଲା ବଇରୀ: ପୂର୍ବ ଶତ୍ରୁତାକୁ ନେଇ ସାଙ୍ଗର ଜୀବନ ନେଲା ସାଙ୍ଗ

■୨୨ଦିନପରେ ଯୁବକଙ୍କ ଗଳିତଶବ ଉଦ୍ଧାର

■ମର୍ଡର ଆସାମୀକୁ ନେଇ କ୍ରାଇମ ସିନ୍ ରି-କ୍ରିଏସନ୍ କଲା ପୋଲିସ

ନୀଳଗିରି , ୧୬/୦୬ (ନି.ପ୍ର): ବନ୍ଧୁ ସାଜିଲା ବଇରୀ। ଓଡିଆ ଶବ୍ଦକୋଷରେ ମଇତ୍ର (ସଙ୍ଗାତ, ସାଙ୍ଗ) ଭଳି ପବିତ୍ର ଶବ୍ଦକୁ ଜଳାଞ୍ଜଳି ଦେଇ ଜଣେ ସାଙ୍ଗ ଅନ୍ୟଜଣେ ସାଙ୍ଗର ଜୀବନ ବି ନେଇପାରେ ଯାହା ନୀଳଗିରି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ଘଟଣାର ୨୨ଦିନପରେ ମୃତକଙ୍କ ଗଳିତଶବ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ୍ ବରହମପୁର ଥାନା କେସିପୁର ପଞ୍ଚାୟତ ଜାମୁନା ଗ୍ରାମର ବୀରେନ୍ଦ୍ର ବେହେରା (ଡ୍ରାଇଭର) ଏବଂ ଉକ୍ତ ପଞ୍ଚାୟତ ଅଧୀନସ୍ଥ ଗବପାଳ ଗ୍ରାମର ବୀରେନ ମଦେଇଙ୍କ ମଧ୍ୟରେ ମଇତ୍ର ବା ସଙ୍ଗାତ ବସି ପରସ୍ପର ପରସ୍ପର ଘରକୁ ଅବାଧରେ ଯିବା ଆସିବା ଚାଲି ଆସୁଥିଲା। ଇତିମଧ୍ୟରେ ଡ୍ରାଇଭର ବୀରେନ୍ଦ୍ରଙ୍କ ସହିତ ବନ୍ଧୁପତ୍ନୀଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଦର୍ଶାଇ ବୀରେନ ପ୍ରାୟ ଦୁଇମାସ ପୂର୍ବେ ବନ୍ଧୁ ବୀରେନ୍ଦ୍ରଙ୍କୁ ଘରକୁ ଡ଼ାକି ବାନ୍ଧି ପିଟିଥିବା ଏବଂ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟସ୍ଥତାରେ ୫୦ହଜାର ଟଙ୍କା ଜୋରିମାନା ଦେଇ ଘଟଣାର ସମାଧାନ ହୋଇଥିଲା। ତେବେ ଏହି ଶତ୍ରୁତା ଉଗ୍ର ରୂପ ନେଇଥିଲା ଗତ ମେ ୨୫ ତାରିଖରେ ରାତିରେ । ଯୋଜନାବଦ୍ଧ ଭାବେ ବୀରେନ୍ଦ୍ରଙ୍କୁ କପ୍ତିପଦାରେ ଡମ୍ପର୍ ଚଲାଇବାକୁ ଅନ୍ୟ ଜଣକ ମୋବାଇଲରୁ ଫୋନକରି ଅଭିଯୁକ୍ତ ବୀରେନ ଡ଼ାକିଥିଲେ। ବିରେନ୍ଦ୍ର ଯାମୁନା ଛକରେ ପହଞ୍ଚିବା ପରେ ବୀରେନ ଓ ତାଙ୍କର କିଛି ସହଯୋଗୀ ଏକ ସ୍କୁଟିରେ ବସାଇ ଅପହରଣ କରି ନେଇଥିଲେ। ପରେ ବୀରେନଙ୍କ ଶଶୁର ଘର ମୟୂରଭଞ୍ଜ ଜିଲ୍ଲା ଉଦଳା ଅଦାପାଳ ନିକଟସ୍ଥ କୁଅଁରପାଳ ଗ୍ରାମକୁ ନେଇଯାଇ ସେଠାରେ ପିଟି ପିଟି ହତ୍ୟା କରିଥିଲା। ପରେ ନିଜକୁ ସୁରକ୍ଷିତ ରଖିବାପାଇଁ ମହାରାଷ୍ଟ୍ରକୁ କାମ କରିବାକୁ ପଳାଇ ଯାଇଥିଲେ। ଏପଟେ ବୀରେନ୍ଦ୍ରଙ୍କ ସ୍ତ୍ରୀ ସାବିତ୍ରୀ ସ୍ୱାମୀକୁ ନପାଇ ମେ ୩୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ସ୍ୱାମୀକୁ ଅପହରଣ କରିବାରେ ବନ୍ଧୁ ବୀରେନ୍ଦ୍ରଙ୍କ ହାତ ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏତଲାକୁ ଗ୍ରହଣକରି ତଦନ୍ତ ଜାରି ରହିଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ବରହମପୁର ପୋଲିସର ଏକ ଟିମ୍ ମହାରାଷ୍ଟ୍ର ପୋଲିସ ସହାୟତାରେ ପୁନେ ଅଞ୍ଚଳରେ ବିରେନ୍‌କୁ ଗିରଫ କରିବାରେ ସଫଳ ହୋଇଥିଲା। ଆଜି ବାଲେଶ୍ୱର ଆଡିସନାଲ ଏସ.ପି ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ବରହମପୁର ଆଇଆଇସି ପ୍ରେମଦା ନାୟକ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଅଭିଯୁକ୍ତ ବୀରେନକୁ ନେଇ କ୍ରାଇମ ସିନ୍ ରି-କ୍ରିଏସନ୍ କରିଥିଲା। ସୂଚନା ଥାଉକି ଅଭିଯୁକ୍ତ ବିରେନ୍ଦ୍ର(ବୀରେନ୍) ମଦେଇ ଶଶୁରଘର କୁଅଁରପାଳ ଠାରୁ ୩/୪କି. ମି ଦୂର ବଡସିଙ୍ଗାରିଆ ଗ୍ରାମନିକଟ ଏକ ବିଲହିଡରେ ନୂଆକରି ମାଟି ପଡ଼ିଥିବା ହିଡରେ ଗାତଖୋଳି ପୋତି ଦେଇଥିଲା। ମଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହିତ ଉଭୟ ବରହମପୁର ପୋଲିସ ଏବଂ ଉଦଳା ପୋଲିସ ସହାୟତାରେ ମୃତ ବିରେନ୍ଦ୍ର ବେହେରାଙ୍କ ଗଳିତଶବ ଉଦ୍ଧାର କରାଯାଇଥିଲା। ଏହି ମର୍ଡର ଘଟଣାରେ ସ୍ୱାମୀ, ସ୍ତ୍ରୀ ଉଭୟଙ୍କୁ ଗିରଫ କରାଯାଇଥିବା ବେଳେ ଏଥିରେ ଅନ୍ୟ ସନ୍ଦିଗ୍ଧଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଖୋଳତାଡ଼ ଚାଲିଥିବା ପୋଲିସ ସୂଚନା ଦେଇଛି।

# ସମାନ ନାଗରିକ ସଂହିତାର ଆବଶ୍ୟକତା

## ଅଧ୍ୟାପକ ଗୋପବନ୍ଧୁ



ଇଉନିଫର୍ମ ସିଭିଲ କୋଡ୍ ବା ସମାନ ନାଗରିକ ସଂହିତାର ଆବଶ୍ୟକତା ଓ ଯୁକ୍ତିଯୁକ୍ତତା ଉପରେ ଅନେକ ବିତର୍କ ହୋଇଛି। କେତେକ ଏହାର ଆବଶ୍ୟକତାକୁ ସ୍ୱୀକାର କରୁଥିବା ବେଳେ ଅନ୍ୟ କେତେକ ଏହାକୁ ବିରୋଧ କରନ୍ତି। ଅତୀତରେ ସମଗ୍ର ଦେଶରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଛି ଓ ବାଦବିବାଦ ମଧ୍ୟ ଦେଖା ଦେଇଛି। ଅନେକେ ଗୋଟିଏ ରାଷ୍ଟ୍ର ଓ ଗୋଟିଏ ପ୍ରକାର ନିୟମର ସପକ୍ଷରେ ଯୁକ୍ତି ବାଢନ୍ତି। ଅନ୍ୟମାନେ ଅନେକ ସାମାଜିକ ଓ ଧାର୍ମିକ ବିବିଧତା ଥିବା ଭାରତବର୍ଷରେ ଏହା ସମ୍ଭବପର ନୁହେଁ ବୋଲି ମତବ୍ୟକ୍ତ କରନ୍ତି। ଭାରତୀୟ ଜନତା ପାର୍ଟି ଓ ହିନ୍ଦୁତ୍ୱବାଦୀ ସଂଗଠନଗୁଡିକ ସର୍ବଦା ଏହାକୁ ସମର୍ଥନ କରିଆସିଛନ୍ତି। ତେଣୁ ବେଳେବେଳେ ଏହାକୁ ଆଗତ କରିବା କଥା ଉଠାଉଛନ୍ତି। ଅନ୍ୟ ପକ୍ଷରେ ଧର୍ମନିରପେକ୍ଷତା ଉପରେ ବିଶ୍ୱାସ କରୁଥିବା ଅନେକ ରାଜନୈତିକ ଦଳ ଏହାକୁ ବିରୋଧ କରି ଆସିଛନ୍ତି। ସାଧାରଣ ଜନତା ମଧ୍ୟ ଏହାକୁ ନେଇ ଦୁଇଭାଗରେ ବିଭକ୍ତ। ତେବେ ଅନେକ ବିଜ୍ଞ ଓ ପ୍ରଜ୍ଞାଶୀଳ ରାଷ୍ଟ୍ରନୀତିଜ୍ଞ ଦେଶରେ ସମାନ ନାଗରିକ ସଂହିତାର ଉପଯୋଗୀତା ଯଥେଷ୍ଟ ରହିଛି ଓ ଏଦିଗରେ ନିୟମ ପାରିତ ହେବାର ଆବଶ୍ୟକତାକୁ ଅନୁଭବ କରନ୍ତି।

ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବା ଯୋଗୁଁ ଏହା ଉପରେ ଅତୀତରେ କୌଣସି ସରକାର ହାତ ମାରିବାକୁ ଚେଷ୍ଟା କରିନାହାଁନ୍ତି। ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାର ତାର ନିର୍ବାଚନ ଇସ୍ତାହାରରେ ସର୍ବଦା ସମାନ ନାଗରିକ ସଂହିତା ପ୍ରଣୟନ ପାଇଁ ଉଲ୍ଲେଖ କରିଆସିଛି। ବିଜେପିର ଏହା ଏକ ପୁରୁଣା ଏଜେଣ୍ଡା। ପାର୍ଟି ଗଠନ ମୂଳରୁ ଏହାର ସପକ୍ଷରେ ବିଜେପି କହି ଆସିଛି। ଅନେକ ହିନ୍ଦୁତ୍ୱବାଦୀ ସଂଗଠନ ଓ ରାଜନୈତିକ ଦଳ ଏହାକୁ ସମର୍ଥନ କରିଆସିଛନ୍ତି। ଏହି ବିଷୟକୁ ନେଇ ବିଜେପି ଅଭିଯୋଗ ଆଣି ଆସିଛି ଯେ ବିରୋଧୀ ଦଳଗୁଡିକ ଏହା ବଦଳରେ ତୁଷ୍ଟିକରଣ ରାଜନୀତି କରୁଛନ୍ତ। ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟ ଏପରି ସାଧାରଣ ନିୟମର ପ୍ରଣୟନକୁ ଗ୍ରହଣ




କରିପାରୁ ନାହାଁନ୍ତି। ଏହାଦ୍ୱାରା ତାଙ୍କ ଧାର୍ମିକ ନିତୀନିୟମ ବଳିପଡ଼ିବ ବୋଲି ଅନୁଭବ କରୁଛନ୍ତି। ତେଣୁ ସେମାନେ ଏହାକୁ ବିରୋଧ କରୁଛନ୍ତି। ତାଙ୍କ ଭୋଟ ପାଇବା ଆଶାରେ ବିରୋଧିମାନେ ତାଙ୍କ ହଁରେ ହଁ ମାରୁଛନ୍ତି। ବିଜେପି ବିଶେଷକରି ମୁସଲମାନମାନଙ୍କୁ ଲକ୍ଷ୍ୟରେ ରଖି ସେମାନେ କାହିଁକି ସମାନ ନିୟମର ଅନ୍ତର୍ଗତ ହେବେ ନାହିଁ ବୋଲି ଅଭିଯୋଗ କରିଆସିଛି। ମୁସଲମାନମାନେ ସମାନ ନାଗରିକ ସଂହିତା ଅପେକ୍ଷା ସାରିଆତର ନିୟମ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଯୋଗୁଁ ବିବାଦ ଦେଖାଦେଉଛି। ଏମାନଙ୍କ ବ୍ୟତୀତ ଅନ୍ୟ ସଂଖ୍ୟାଲଘୁମାନେ ଏପରି ନିୟମକୁ ନେଇ ଏତେ ପ୍ରତିକ୍ରିୟାଶୀଳ ନୁହଁନ୍ତି। ଅନେକ ଆଦିବାସୀ ସଂଗଠନ ଓ ଗୋଷ୍ଠୀମାନେ ମଧ୍ୟ ଏହାକୁ ବିରୋଧ କରୁଛନ୍ତି। ନିଜ ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସ ନଷ୍ଟ ହୋଇଯିବା ଭୟରେ ସେମାନେ ଏହାକୁ ବିରୋଧ କରିବାର ଦେଖାଯାଉଛି।

ସମ୍ବିଧାନ ରଚନା କାଳରେ ସମ୍ବିଧାନ ପ୍ରଣୟନ ସଭାରେ ମଧ୍ୟ ଏହା ଉପରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। କିନ୍ତୁ ସେ ସମୟରେ ସଦସ୍ୟମାନେ ଏହାକୁ ନେଇ ଏକମତ ହୋଇପାରି ନଥିଲେ ଯଦିଓ ଏହାର ଆବଶ୍ୟକତାକୁ ସ୍ୱୀକାର କରିଥିଲେ। କାରଣ ସେ ସମୟରେ ବିଭିନ୍ନ ଧର୍ମ, ଗୋଷ୍ଠୀ ଓ ସମ୍ପ୍ରଦାୟର ନେତାଙ୍କୁ ମନାଇବା ସହଜସାଧ୍ୟ ନଥିଲା। ତେଣୁ ସମସ୍ତଙ୍କ ମତକୁ ସ୍ୱୀକାର କରିବାକୁ ଯାଇ ନିୟମର ବିବିଧତାକୁ ମଧ୍ୟ ସ୍ୱୀକାର କରାଯାଇ ଥିଲା। ସମ୍ବିଧାନ ପ୍ରଣୟନ ଚିଠା କମିଟିର ଚେୟାରମ୍ୟାନ ଡକ୍ଟର ବି.ଆର୍. ଆମ୍ବେଦକର ଏକ ପ୍ରଗତିଶୀଳ ଇଉନିଫର୍ମ ସିଭିଲ କୋର୍ଡର ଦୃଢ଼ ସମର୍ଥକ ଥିଲେ। ସହମତିର ଅଭାବରୁ ଏହାକୁ ସମ୍ବିଧାନରେ ସ୍ଥାନିତ କରାଯାଇ ପାରିନଥିଲା। ଏଥିପାଇଁ ସେ ସମ୍ବିଧାନର ଧାରା ୪୪ ରେ ସ୍ଥାନିତ କରି ଯାଇଛନ୍ତି ଯେ ରାଷ୍ଟ୍ର ଏଦିଗରେ ପ୍ରୟାସ ଅବ୍ୟାହତ ରଖିବା ଉଚିତ୍। ଏକ ପ୍ରଗତିଶୀଳ ଓ ଆଧୁନିକ ରାଷ୍ଟ୍ର ଗଠନ ପାଇଁ ଏହା ଅପରିହାର୍ଯ୍ୟ ବୋଲି ତାଙ୍କ ମତ ଥିଲା। ସ୍ୱାଧୀନତା ପରେ ହିନ୍ଦୁଧର୍ମରେ ସମାନତା ଆଣିବା ପାଇଁ ସେ ସୁପ୍ରସିଦ୍ଧ ହିନ୍ଦୁ କୋଡ୍ ବିଲ୍ ସଂସଦରେ ଆଗତ କରିଥିଲେ। ଏହା ମଧ୍ୟ ସମାନ ନାଗରିକ ସଂହିତାର ଅଂଶବିଶେଷ ଥିଲା। ରକ୍ଷଣଶୀଳ ହିନ୍ଦୁଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ଗୃହିତ ହୋଇପାରିଲା ନାହିଁ। ଅର୍ଥାତ୍ ସେ ସମୟରେ ହିନ୍ଦୁ ସମାଜର ଏକ ବଡ଼ଅଂଶ ଏପରି ନିୟମର ସପକ୍ଷରେ ନଥିଲା। ଶେଷରେ ଏହି ପ୍ରସଙ୍ଗ ଉପରେ ଡକ୍ଟର ଆମ୍ବେଦକର କ୍ଷୋଭର ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।

ସପକ୍ଷବାଦୀଙ୍କ ଯୁକ୍ତି ହେଉଛି ଗୋଟିଏ ଦେଶରେ ଗୋଟିଏ ପ୍ରକାର ନିୟମ ହେବା ଜରୁରୀ। ଏହା ରାଷ୍ଟ୍ରୀୟ ଏକତାକୁ ମଜଭୂତ କରିବ। ଅମାନବୀୟ ଓ ଅନୈତିକ ସାମାଜିକ ବିଧିବିଧାନକୁ ସମାପ୍ତ କରିବ। ପ୍ରାୟତଃ ସମସ୍ତ ବିକଶିତ ରାଷ୍ଟ୍ର ସମାନ ନାଗରିକ ନିୟମକୁ ଅନୁସରଣ କରନ୍ତି। ଭାରତବର୍ଷ ଭିତରେ ଗୋଆରେ ଏହିପ୍ରକାର ନିୟମ ରହିଛି। ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବାପରେ ୧୯୬୨ ରୁ ସେଠାରେ ଏହା ଲାଗୁ ହୋଇ ଆସୁଛି। ବିଜେପି ଶାସିତ ରାଜ୍ୟ ଉତ୍ତରାଖଣ୍ଡରେ ମଧ୍ୟ ଏହା ଲାଗୁ ହେବାକୁ ଯାଉଛି। ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ। ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀ ସେମାନଙ୍କ ସ୍ୱତନ୍ତ୍ରତା ବଜାଇ ରଖିବେ। ଗୋଟିଏ ଉତ୍କୃଷ୍ଟ ଓ ପ୍ରଗତିଶୀଳ ସମାଜ ପାଇଁ ଯାହା ଆବଶ୍ୟକ ତାକୁହିଁ ଗୁରୁତ୍ୱ ଦିଆଯିବ। ସମାନତା ଉପରେ ଗୁରୁତ୍ୱ ଦିଆଯିବ। ନାରୀ ସ୍ୱାଧୀନତାକୁ ସ୍ୱୀକାର କରାଯିବ ଓ ତାଙ୍କୁ ପୁରୁଷ ସହିତ ସମାନ ବୋଲି ବିବେଚନା କରାଯିବ। ଉତ୍ତରାଧିକାରୀ ସୂତ୍ରରେ ସେମାନେ ମାଲିକାନା ହକ୍ ପାଇବେ। ଜନସଂଖ୍ୟା ନିୟନ୍ତ୍ରଣକୁ ନିଶ୍ଚିତ କରାଯିବ। ବହୁପତ୍ନୀ ଓ ବହୁପତି ଗ୍ରହଣକୁ ନିରୁତ୍ସାହିତ କରାଯିବ। ଘୃଣା-ଦ୍ୱେଷ ସୃଷ୍ଟିକାରୀ ସାମାଜିକ ବିଭେଦକୁ ଦୂର କରାଯିବ। ଏପରି ଅନେକ ଲୋଭନୀୟ ଓ ମନ ମତାଣିଆ କଥା ସପକ୍ଷବାଦୀମାନେ କହନ୍ତି। ଗୋଟିଏ ବିଭେଦଶୂନ୍ୟ ମମତାପୂର୍ଣ୍ଣ ଉନ୍ନତ ସମାଜ କଥା ଏମାନେ କହନ୍ତି। ଭାଷା, ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ଉପରେ ଏ ନିୟମ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଏମାନଙ୍କ ଯୁକ୍ତି। ଆଗରୁ ଫୌଜଦାରୀ ଆଇନରେ ସମାନତା ରହିଛି। ଏବେ ଦେଓ୍ୱାନି ନିୟମ କ୍ଷେତ୍ରରେ ସମାନତା ଆସିଲେ ଅସୁବିଧା କେଉଁଠି ବୋଲି ତାଙ୍କ ପ୍ରଶ୍ନ ?

ପ୍ରସ୍ତାବିତ ନିୟମକୁ ନେଇ ବିପକ୍ଷବାଦୀଙ୍କ ଯୁକ୍ତି ଭିନ୍ନ। ତାଙ୍କ ଯୁକ୍ତି ଯେ ପ୍ରଗତିଶୀଳ ଆଭିମୁଖ୍ୟ ନେଇ ଏ ନିୟମ ଅଣାଯିବାର ଅଭିପ୍ରାୟ ବିଜେପିର ନାହିଁ। ସଂଖ୍ୟାଲଘୁ ସମ୍ପ୍ରଦାୟ, ବିଶେଷକରି ମୁସଲମାନମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଏହା ପ୍ରେରିତ। ସମାନ ନାଗରିକ ସଂହିତା ଆଳରେ ହିନ୍ଦୁତ୍ୱବାଦୀ ବିଚାରଧାରାକୁ ସମସ୍ତଙ୍କ ଉପରେ ଲଦିଦେବାର ଅଭିପ୍ରାୟ ରହିଛି। ହିନ୍ଦୁ ସମାଜର ତଳ ସୋପାନର ଜାତିମାନଙ୍କ ଆଶଙ୍କା ଯେ ବିଜେପି ଏହି ନିୟମର ଆଢୁଆଳରେ ମନୁସ୍ମୃତିକୁ ସ୍ଥାପନ କରିବାକୁ ଚାହୁଁଛି ଓ ଜାତିବାଦୀ ବିଭେଦ ଉପରେ ନିୟମର ପୋଷାକ ପିନ୍ଧାଇବାକୁ ଚାହୁଁଛି। ଏହା ପଛରେ ଧାର୍ମିକ ଆଧିପତ୍ୟବାଦୀ ଓ ଉଚ୍ଚଜାତିବାଦୀ ମାନସିକତା ରହିଛି। ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ଗୋଷ୍ଠୀ ଓ ଜନଜାତିର ସ୍ୱାତନ୍ତ୍ରତାକୁ ସମାପ୍ତ କରିବାକୁ ଚାହୁଁଛି। ଏହାରି ଆଳରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସମାପ୍ତ କରିବାକୁ ଚାହେଁ। ଏମାନଙ୍କ ଯୁକ୍ତି ଯେ ଡକ୍ଟର ଆମ୍ବେଦକରଙ୍କ ପରିକଳ୍ପିତ ସମାନ ଆଚାର ସଂହିତା ଓ ବିଜେପିର ପରିକଳ୍ପିତ ନିୟମ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି।

ଯେଉଁ ପ୍ରଗତିଶୀଳ ଗୋଷ୍ଠୀ ବିଭିନ୍ନ ଧର୍ମ ମଧ୍ୟରେ ଥିବା ବିଭେଦକୁ ହଟାଇ ସମାନତା ଆଣିବାକୁ ଚାହାଁନ୍ତି ସେମାନଙ୍କ ଯୁକ୍ତି ହେଉଛି ବିଜେପି ସରକାର ପ୍ରାଧାନ୍ୟ ଦେଉଥିବା ହିନ୍ଦୁଧର୍ମ ମଧ୍ୟରେ ଥିବା ସମସ୍ତ ବିଭେଦକୁ ହଟାଇ ପ୍ରଥମେ ସମାନତା ଆଣୁ। ବିଭେଦର ଜନକ ବର୍ଣ୍ଣବ୍ୟବସ୍ଥାକୁ ହଟାଉ। ସ୍ପଷ୍ଟ କରୁ କୌଣସି ଗୋଟିଏ ଧର୍ମର ନୀତିନିୟମକୁ ଭିନ୍ନ ଧର୍ମ ଉପରେ ଲଦାଯିବ ନାହିଁ। କୌଣସି ପ୍ରକାର ଧାର୍ମିକ ପକ୍ଷପାତିତା ରହିବ ନାହିଁ। ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ଓ ବିତର୍କ ହେଉ। ପ୍ରତ୍ୟେକ ଧର୍ମ, ଜାତି ଓ ସମ୍ପ୍ରଦାୟର ଲୋକଙ୍କୁ ମଧ୍ୟ ଏହି ବିତର୍କରେ ସାମିଲ କରାଯାଉ। ବିଭିନ୍ନ ସ୍ଥାନରେ ଆଲୋଚନା ସଭା ଆୟୋଜନ ହେବା ଜରୁରୀ। ସଂସଦରେ ମଧ୍ୟ ଏହା ଉପରେ ବିତର୍କ ହେଉ। ଯାହା ଫଳରେ ଏକ ସର୍ବାଦୃତ ଉତ୍କୃଷ୍ଟ ନିୟମ ଆମେ ପାଇପାରିବା। ସପକ୍ଷ ଓ ବିପକ୍ଷରେ ଯେତେ ଆଲୋଚନା ହେବ ପ୍ରସ୍ତାବିତ ନିୟମର ଦୋଷଦୁର୍ବଳତା ସେତେ ପଦାରେ ପଡିବ ଏବଂ ଏହାର ଉପାଦେୟତା ସେତେ ବୋଧଗମ୍ୟ ହେବ। ବିଭିନ୍ନ ପ୍ରକାର ଆଶଙ୍କାକୁ ଆଲୋଚନା ମାଧ୍ୟମରେ ହଟାଇବାକୁ ଚେଷ୍ଟା କରାଯାଉ। ଭାରତବର୍ଷ ବହୁ ଧର୍ମ, ବହୁ ସମ୍ପ୍ରଦାୟ, ବହୁ ଜାତି ଓ ବହୁବିଧ ବିଶ୍ୱାସର ଦେଶ। ତେଣୁ ଏଦିଗରେ ସହମତିର ବାଟ ସର୍ବୋତ୍ତମ।


+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦


# କେଜିରୁ ପିଜି ମାଗଣା ଶିକ୍ଷା

## ସୌଭାଗ୍ୟ ରଂଜନ ମହାନ୍ତି



ଓଡିଶାରେ ସାମାଜିକ ନ୍ୟାୟା ଓ ଶିକ୍ଷା ବିପ୍ଳବର ଏକ ଐତିହାସିକ ନିଷ୍ପତି ଓଡିଶାର ଶିକ୍ଷା ଇତିହାସରେ ଏକ ନୂତନ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି କରି ସମାଜର ଆର୍ଥିକ ଅନଗ୍ରସର ତଥା ବଂଚିତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କେଜିରୁ (କଏ ଗ୍ଳକୁ ଚଏ) ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ପ୍ରଦାନର ନିଷ୍ପତି କେବଳ ଏକ ପ୍ରଶାସନିକ ସଂସ୍କାର ନୁହେଁ ବରଂ ଏହା ଏକ ଯୁଗାନ୍ତକାରୀ ସାମଜିକ ବିପ୍ଳବ ଯାହା ଆଗାମୀ ପିଢିର ଭାଗ୍ୟ ବଦଳାଇବା ସହିତ ଓଡିଶା ଅସ୍ମିତାର ବାସ୍ତବ ବିକାଶର ଭିତିଭୂମି ସ୍ଥାପନ କରିବ। ଶିକ୍ଷାକୁ ମାନବ ସମ୍ବଳ ବିକାଶର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଭାବେ ଗ୍ରହଣ କରାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ଅର୍ଥର ଅଭାବ ଯୋଗୁଁ ଅନେକ ମେଧାବୀ ପ୍ରତିଭା ପ୍ରାଥମିକ କିମ୍ବା ମାଧ୍ୟମିକ ସ୍ତରରୁ ନିଜର ପାଠପଢା ଛାଡିବାକୁ ବାଧ ହୋଇଥାନ୍ତି ଏବଂ ବିଶେଷ କରି ଆଦିବାସୀ, ହରିଜନ ଓ ଶ୍ରମିକ ଶ୍ରେଣୀର ପରିବାରଗୁଡିକରେ ଏହି ସମସ୍ୟା ଅତ୍ୟନ୍ତ ତୀବ୍ର ରୂପେ ଦେଖାଯାଇଥାଏ ଯେଉଁଥିପାଇଁ ଏହି ଐତିହାସିକ ନିଷ୍ପତି ଶିକ୍ଷାର ସାର୍ବଜନୀନକରଣ ଏବଂ ସାମାଜିକ ସମାନତା ପ୍ରତିଷ୍ଠା ଦିଗରେ ଏକ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରିବ। ପ୍ରାକ୍-ପ୍ରାଥମିକ ଶ୍ରେଣୀ ଅର୍ଥାତ୍ କିଣ୍ଡରଗାର୍ଟେନଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତରର ସ୍ନାତକୋତର ଡିଗ୍ରୀ ପର୍ଯ୍ୟନ୍ତ କୌଣସି ପ୍ରକାରର ପାଠ୍ୟକ୍ରମ ଫିସ, ଆଡମିସନ ଫିସ କିମ୍ବା ପରୀକ୍ଷା ଫିସ ନଦେଇ ଜଣେ ଦରିଦ୍ର ଘରର ପିଲା ନିଜ ଇଚ୍ଛା ଅନୁସାରେ ଉଚ୍ଚଶିକ୍ଷା ଲାଭ କରିପାରିବାର ସୁଯୋଗ ପାଇବା ଦ୍ୱାରା ରାଜ୍ୟରେ ଶିକ୍ଷାଗତ ବ୍ୟବଧାନ ସମ୍ପୂର୍ଣ୍ଣ ରୂପେ ଦୂର ହେବ ଏବଂ ଏହି ମାଗଣା ଶିକ୍ଷା ସୁବିଧା ସାମାଜିକ ନ୍ୟାୟା ପ୍ରଦାନର ପ୍ରକୃତ ଉଦାହରଣ ସାଜିବ। ଅତୀତରେ ଆର୍ଥିକ ଅନାଟନ ଯୋଗୁଁ ଝିଅମାନଙ୍କୁ ସ୍କୁଲ କିମ୍ବା କଲେଜ ପଠାଇବା ପରିବର୍ତେ ସେମାନଙ୍କ ଉପରେ ଘରକାମରେ ବୋଝ ଲଦି ଦିଆଯାଉଥିଲା କିନ୍ତୁ ଏହି ବ୍ୟବସ୍ଥା ଦ୍ୱାରା ବଂଚିତ ବର୍ଗର କନ୍ୟା ସନ୍ତାନମାନେ ନିର୍ଭୟରେ ଏବଂ ସମ୍ମାନର ସହ ନିଜର ଶିକ୍ଷା ଗ୍ରହଣ ଜାରି ରଖିପାରିବେ ଯାହା ଦୀର୍ଘ ମିଆଦି ଭିତିରେ ମହିଳା ସଶକ୍ତିକରଣ ଏବଂ ଶିଶୁ କନ୍ୟା ସୁରକ୍ଷା ଅଭିଯାନକୁ ସର୍ବୋଚ୍ଚ ସଫଳତା ପ୍ରଦାନ କରିବ। ରାଜ୍ୟର କୋଣ ଅନୁକୋଣରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡିକରେ ଭିତିଭୂମିର ବିକାଶ ସହିତ ଏହି ଯୋଜନାକୁ ସାମିଲ କରାଯିବା ଫଳରେ ଗ୍ରାମାଚଂଳରୁ ସହରାଚଂଳ ପର୍ଯ୍ୟନ୍ତ ଏକ ସନ୍ତୁଳିତ ଶିକ୍ଷା ବ୍ୟବସ୍ଥା ଗଠନ ହେବ ଏବଂ ଅର୍ଥ ଅଭାବରୁ ଯେଉଁ ଡ୍ରପ-ଆଉଟ୍ ବା ଅଧାରୁ ପାଠ ଛାଡିବାର ହାର ଦେଖାଯାଉଥିଲା ତାହା ଶୂନକୁ ହ୍ରାସ ପାଇବ। ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣା ଏବଂ ନୂତନ ଜ୍ଞାନକୌଶଳର ବ୍ୟବହାର କେଳବ ଧନୀ ଶ୍ରେଣୀର ଏକଛତ୍ର ଅଧିକାର ହୋଇ ରହିବ ନାହିଁ ବରଂ ବଂଚିତ ଶ୍ରେଣୀର ଯୁବପିଢି ନିଜର ଦକ୍ଷତା ପ୍ରତିପାଦନ କରି ବୈଜ୍ଞାନିକ, ପ୍ରଶାସକ, ଅଧାପକ ଏବଂ ବୈଷୟିକ ବିଶେଷଜ୍ଞ ଭାବେ ଉଭା ହେବେ ଯାହା ଓଡିଶାର ବୌଦ୍ଧିକ ଓ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସାମ୍ପ୍ରତିକ ସମୟରେ ଶିକ୍ଷାର ବ୍ୟବସାୟୀକରଣ ଯୋଗୁଁ ସାଧାରଣ ନାଗରିକଟିଏ ନିଜ ପିଲାକୁ ଭଲ ପାଠ ପଢାଇବା ପାଇଁ ଋଣଗ୍ରସ୍ତ ହୋଇପଡୁଥିବାବେଳେ ସରକାରଙ୍କ ଏହି ସମାଜ ମଙ୍ଗଳକାରୀ ପଦକ୍ଷେପ ମଧ୍ୟବିତ ଏବଂ ନିମ୍ନବିତ ପରିବାରଗୁଡିକ ଉପରୁ ଏକ ବଡ ଆର୍ଥିକ ଚାପ ଅପସାରଣ କରିବ ଏବଂ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବ। ଏହି କଲ୍ୟାଣକାରୀ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ବଜେଟରେ ବ୍ୟାପକ ବୃଦ୍ଧି କରାଯିବା ସହ ଶିକ୍ଷାନୁଷ୍ଠାନଗୁଡିକରେ ସାଧନ ଏବଂ ପ୍ରଯୁକ୍ତିବିଦ୍ୟାର ସଠିକ ସମନ୍ୱୟ ରକ୍ଷା କରାଯିବା ଆବଶ୍ୟକ ଯେପରି ପ୍ରତିଟି ବଂଚିତ ପିଲା ଗୁଣାତ୍ମକ ଶିକ୍ଷାରୁ ବଂଚିତ ନହୁଏ। ସରକାରଙ୍କ ଏହି ଉଦ୍ୟମ ସମାଜରେ ଥିବା ଶ୍ରେଣୀଗତ ବୈଷମ୍ୟକୁ ହ୍ରାସ କରିବାରେ ଏକ ପ୍ରମୁଖ ଅସ୍ତ୍ର ସାଜିବ କାରଣ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହା ମାଧ୍ୟମରେ ଜଣେ ଦରିଦ୍ର ଶ୍ରମିକର ପୁଅ କିମ୍ବା ଝିଅ ମଧ୍ୟ ଦେଶର ଶୀର୍ଷ ନେତୃତ୍ୱ ଓ ନିଷ୍ପତି ଗ୍ରହଣକାରୀ ସଂସ୍ଥାରେ ନିଜର ସ୍ଥାନ ସୁରକ୍ଷିତ କରିପାରିବେ। ଏହି ଐତିହାସିକ ନିଷ୍ପତିର ସଫଳ ରୂପାୟନ ପାଇଁ କେବଳ ସରକାରୀ ସ୍ତରରେ ନୁହେଁ ବରଂ ସମାଜର ପ୍ରତିଟି ସଚେତନ ନାଗରିକ, ଶିକ୍ଷାବିତ୍ ଏବଂ ପ୍ରଶାସନିକ ଅଧିକାରୀଙ୍କ ସକ୍ରିୟ ସହଯୋଗ ଅପରିହାର୍ଯ୍ୟ ଯଦ୍ୱାରା ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚିପାରିବ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କଳା ଏବଂ ବାଣିଜ୍ୟର ବିଭିନ୍ନ ଉଚ୍ଚତର ପାଠ୍ୟକ୍ରମରେ ବଂଚିତ ବର୍ଗର ପିଲାମାନଙ୍କୁ ସମାନ ଅଂଶଗ୍ରହଣର ସୁଯୋଗ ମିଳିବା ଦ୍ୱାରା ରାଜ୍ୟର ମାନବ ସମ୍ବଳ ଏକ ବିଶ୍ୱସ୍ତରୀୟ ପ୍ରତିଭାରେ ପରିଣତ ହେବ। ଏହି ନୀତି ଓଡିଶାର କୃଷିଜୀବୀ ଓ ଶ୍ରମଜୀବୀ ପରିବାରଗୁଡିକୁ ଶିକ୍ଷା ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ପାଇଁ ଏକ ସ୍ୱପ୍ନ ଦେଖାଇଛି ଏବଂ ସେହି ସ୍ୱପ୍ନକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକ୍ରମ ଏକ ମାଇଲଖୁଂଟ ସଦୃଶ ବିବେଚିତ ହେବ। ଏକବିଂଶ ଶତାବ୍ଦୀର ଜ୍ଞାନଭିତିକ ଅର୍ଥନୀତିରେ ଓଡିଶାକୁ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବାକୁ ହେଲେ ସମାଜର ସବୁଠାରୁ ତଳସ୍ତରରେ ଥିବା ବ୍ୟକ୍ତିର ବିକାଶ ଜରୁରୀ ଏବଂ ଏହି କେଜିରୁ ପିଜି ଭାଗଣା ଶିକ୍ଷା ବ୍ୟବସ୍ଥା ସେହି ଦିଗରେ ନିଆଯାଇଥିବା ସବୁଠାରୁ ଦୃଢ ଓ ପ୍ରଶଂସନୀୟ ପଦକ୍ଷେପ। ଅର୍ଥ ଅଭାବରୁ କୌଣସି ପ୍ରତିଭା ଯେପରି ଅନ୍ଧାକରରେ ହଜି ନଯାଏ ଏବଂ ପ୍ରତିଟି ଗରିବ ଶିଶୁର ଆଖିରେ ଥିବା ଡାକ୍ତର, ଇଞ୍ଜିନିୟର କିମ୍ବା ବୈଜ୍ଞାନିକ ହେବାର ସ୍ୱପ୍ନ ଯେପରି ସାକାର ହୋଇପାରେ ତାହା ହିଁ ଏହି ନିଷ୍ପତିର ମୂଳ ଲକ୍ଷ୍ୟ। ଓଡିଶାର ସାଂସ୍କୃତିକ ଗୌରବ ଓ ଐତିହ୍ୟକୁ ବଜାୟ ରଖିବା, ସହ ଆଧୁନିକ ବିଜ୍ଞାନ-ବିଜ୍ଞାନର କ୍ଷେତ୍ରରେ ରାଜ୍ୟର ଯୁବପିଢିଙ୍କୁ ଆଗକୁ ବଢାଇବା ପାଇଁ ଏହି ଶିକ୍ଷା ସୁବିଧା ସାମାଜିକ, ଅର୍ଥନୈତିକ ଏବଂ ବୌଦ୍ଧିକ ଅଭିବୃଦ୍ଧିର ତ୍ରିବେଣୀ ସଙ୍ଗମ ସଦୃଶ ହେବ। ଏହା ଦ୍ୱାରା ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ପ୍ରକାରର ପାତରଅନ୍ତର ଦୂର ହେବ ଏବଂ ଏକ ଶୋଷଣମୁକ୍ତ, ସମତାଭିତିକ ତଥା ପ୍ରଗତିଶୀଳ ସମାଜ ଗଠନ ପାଇଁ ଏହି ଐତିହାସିକ ନିଷ୍ପତି ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ଯାହା ଓଡିଶାର ଗଣତାନ୍ତ୍ରୀକ ମୂଲ୍ୟବୋଧକୁ ଆହୁରି ମଜବୁତ କରିବ। ସଂକ୍ଷେପରେ କହିବାକୁ ଗଲେ, କେଜି ରୁ ପିଜି ଯାଏଁ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ବ୍ୟବସ୍ଥା ହେଉଛି ଓଡିଶାର ସାମାଜିକ-ଅର୍ଥନୈତିକ ରୂପାନ୍ତରଣର ଏକ ଶକ୍ତିଶାଳୀ ମାଧ୍ୟମ ଯାହା ପ୍ରତିଟି ଅବହେଳିତ ଶିଶୁର ହାତରେ ଜ୍ଞାନର ଆଲୋକ ପ୍ରଦାନ କରି ସେମାନଙ୍କୁ ଦେଶ ଗଠନର ମୁଖ୍ୟ ସ୍ରୋତରେ ସାମିଲ କରିବ ଏବଂ ଓଡିଶାର ଏହି ପ୍ରଶଂସନୀୟ ଶିକ୍ଷା ମଡେଲ ସମଗ୍ର ଦେଶ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ସୃଷ୍ଟି କରିବ।


+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: -୯୪୩୭୯୯୪୩୭୯


# ସୋସିଆଲ ମିଡ଼ିଆ ମଜା ନଆଣୁ ସଜା

## ବୈଷ୍ଣବ ମେହେର

ସୋସିଆଲ ମିଡ଼ିଆ ଦେଖିବା ବା ମୋବାଇଲ ଫୋନରେ ଅଧିକ ସମୟ ବିତାଇବାକୁ ବାରଣ କରି ଗତ କିଛି ବର୍ଷ ହେଲା ବିଶେଷଜ୍ଞ ମାନେ ବିଭିନ୍ନ ମତ ମନ୍ତବ୍ୟ ଓ ପରାମର୍ଶ ଦେଇ ଆସୁଛନ୍ତି । କିନ୍ତୁ ସେସବୁର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଥିବା ଭଳି ବିଶେଷ ଅନୁଭବ ହେଉନାହିଁ । ନିଶାଖୋର ବ୍ୟକ୍ତି ଯେପରି ନିଶା ଖାଇବାର କୁପ୍ରଭାବ ଉପରେ ସମ୍ପୂର୍ଣ୍ଣ ଅବଗତ ଥାଇ ସୁଦ୍ଧା ସେ ଯେପରି ନିଶା କବଳରୁ ନିଜକୁ ମୁକ୍ତ ରଖିପାରେ ନାହିଁ, ଠିକ ସେହିପରି ମୋବାଇଲ ଦେଖିବାର କୁପ୍ରଭାବ ବିଷୟରେ ପ୍ରାୟ ସମସ୍ତେ ଜାଣି ମଧ୍ୟ ସେଥିରୁ ନିଜକୁ ଦୂରେଇ ରଖି ପାରୁ ନାହାନ୍ତି । ଛୋଟ ପିଲାଙ୍କ କଥା କଣ କହିବା, ପରିବାରର ବଡ଼ ମାନେ ତାଙ୍କ ଠାରୁ ଅଧିକ ସୋସିଆଲ ମିଡିଆରେ ବେଶ ମତୁଆଲା ସାଜିଛନ୍ତି । ଏବେ ତ ସୋସିଆଲ ମିଡ଼ିଆ ଦେଖିବାକୁ ଜଙ୍କଫୁଡ ଖାଇବା ଭଳି ମାରାତ୍ମକ କାର୍ଯ୍ୟ ସହ ସମାନ ବୋଲି ବିଶେଷଜ୍ଞ କହୁଛନ୍ତି । ସମସ୍ତେ ଜାଣନ୍ତି ଯେ, ପାଟିକୁ ସୁସ୍ୱାଦୁ ଲାଗୁଥିବା ଜଙ୍କଫୁଡ ଶରୀର ପାଇଁ କେତେ କ୍ଷତିକାରକ । ବର୍ତ୍ତମାନର ପ୍ରାୟ ବଡ଼ବଡ଼ ରୋଗର ପ୍ରମୁଖ କାରଣ ସାଜିଛି ଏହି ଜଙ୍କଫୁଡ । ଠିକ ସେହିଭଳି ଶରୀରର ସନ୍ତୁଳନକୁ ବିଗାଡି ଦେଇ ଅନେକ ରୋଗ ସୃଷ୍ଟିରେ ସୋସିଆଲ ମିଡ଼ିଆର ଅନାବଶ୍ୟକ ବ୍ୟବହାର ଯେ କେବଳ ମାଧ୍ୟମ ସାଜିଛି ତାହା ନୁହେଁ ବରଂ ଅନେକଙ୍କ ପାରିବାରିକ ଓ ସାମାଜିକ ଜୀବନକୁ ମଧ୍ୟ ବିପର୍ଯ୍ୟସ୍ତ କରିଦେବାରେ ଏହାର ମୁଖ୍ୟ ଭୂମିକା ରହୁଛି । ଏପରିକି ସୋସିଆଲ ମିଡିଆରେ ରିଲସ କରିବା ନିଶାରେ ଅବେଳରେ ଅନେକଙ୍କ ଜୀବନହାନୀ ମଧ ଘଟୁଛି । ନିକଟରେ ନ୍ୟୁର୍କର କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ସୋସିଆଲ ମିଡ଼ିଆର ବହୁଳ ବ୍ୟବହାର ଭଳି ଅଭ୍ୟାସ ବ୍ୟକ୍ତିର ସ୍ମରଣ ଶକ୍ତି ଓ ଧ୍ୟାନକୁ ବେଶ ପ୍ରଭାବିତ କରୁଛି । ଏଥିରୁ ଅନୁମାନ କରାଯାଇପାରେ ଯେ ଘଣ୍ଟାଘଣ୍ଟା ଧରି ମୋବାଇଲ ଦେଖୁଥିବା ଛୋଟ ଛୋଟ ପିଲାଙ୍କ ମାନସିକ ଅବସ୍ଥା ଉପରେ ଏହା କେତେ ନକରାତ୍ମକ ପ୍ରଭାବ ପକାଉନଥିବ।

ବର୍ତମାନ ଅଧିକ ଲୋକ ସୋସିଆଲ ମିଡ଼ିଆ ଦେଖିବାକୁ ଏକ ମନୋରଞ୍ଜନ ଓ ସମୟ ଅତିବାହିତ କରିବାର ଭଲ ମାଧ୍ୟମ ବୋଲି ଧରି ନେଇଛନ୍ତି । କିନ୍ତୁ ଏହା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟର ଯେ କେତେ କ୍ଷତି କରୁଛନ୍ତି, ତାହା ତାଙ୍କୁ ଜଣା ନାହିଁ । ମେଣ୍ଟାଲ ହେଲଥ ଡିପାଟମେଣ୍ଟର ଚିକିତ୍ସକଙ୍କ ଏକ ଅଧ୍ୟୟନର ରିପୋର୍ଟ ଅନୁଯାୟୀ ନିୟମିତ ସୋସିଆଲ ମିଡ଼ିଆ ଦେଖୁଥିବା ୬୦ ପ୍ରତିଶତ ଲୋକ ଅନିଦ୍ରା, ମୁଣ୍ଡବିନ୍ଧା, ରକ୍ତଚାପ, ମାଇଗ୍ରେନ ଭଳି ଗୁରୁତ୍ୱର ସମସ୍ୟାର ଶିକାର ହୋଇଥାନ୍ତି । ଏଥିସହ ଦେଢ଼ ବର୍ଷରୁ ଅଧିକ ସମୟ ଧରି ଯେଉଁମାନେ ଲଗାତାର ମୋବାଇଲ ଦେଖି ଆସୁଛନ୍ତି ସେମାନେ ଅନେକାଂଶରେ ମାନସିକ ରୋଗାଗ୍ରସ୍ତ ହେବାର ସମ୍ଭାବନା ବହୁତ ଅଧିକ ରହୁଛି । ଯାହାଦ୍ୱାରା ତାଙ୍କୁ ଆହୁରି ଅନେକ ରୋଗର ଶିକାର ହେବାକୁ ପଡୁଛି।

କୌଣସି ନିର୍ଦ୍ଦିଷ୍ଟ ପିଢ଼ି କେବଳ ନୁହଁନ୍ତି ଏବେ ତ ସ୍ୱାମୀ, ସ୍ତ୍ରୀ, ଶାଶୁ, ବୋହୂ, ଯୁବକ, ଛାତ୍ରଛାତ୍ରୀ, ଧନୀ, ଗରିବ ପ୍ରାୟ ସମସ୍ତ ବର୍ଗର ଲୋକ ସୋସିଆଲ ମିଡ଼ିଆ ଜାଲରେ ଫସି ରହୁଛନ୍ତି। ସେ କମେଡି ହେଉ କି ଖାଦ୍ୟ ପ୍ରସ୍ତୁତି, ସାମାଜିକ, ସାଂସ୍କୃତିକ ହେଉ କି ମାଙ୍ଗଳିକ ପ୍ରତ୍ୟେକ କାର୍ଯ୍ୟକୁ ସୋସିଆଲ ମିଡିଆରେ ଛାଡି ଲୋକେ ମଜା ଉଠାଉଛନ୍ତି । ଏସବୁକୁ ପରିବାରର କିଛି ଲୋକ ପସନ୍ଦ କରୁନଥିବା ବେଳେ ଏହାକୁ ନେଇ କେତେ କ୍ଷେତ୍ରରେ ଅଶାନ୍ତି ମଧ୍ୟ ଦେଖିବାକୁ ମିଳୁଛି । ସ୍ୱାମୀର ରିଲ୍ସ ଦେଖି କେଉଁଠି ସ୍ତ୍ରୀ ତ କେଉଁଠି ସ୍ତ୍ରୀର ରିଲ୍ସ ନିଶା ଦେଖି ସ୍ୱାମୀ ବିରକ୍ତ ହେଲେଣି । ଝିଅ, ବୋହୂ, ପୁଅ, ନାତି ନାତୁଣୀ ସୋସିଆଲ ମିଡିଆରେ ମାତିଥିବା ଦେଖି ବରିଷ୍ଠ ମାନେ ଅସନ୍ତୋଷ ବ୍ୟକ୍ତ କଲେଣି । କହିବାକୁ ଗଲେ ଏହି ସୋସିଆଲ ମିଡ଼ିଆ ନିଶା ବ୍ୟକ୍ତିଗତ ଓ ସାମାଜିକ ବିଛିନ୍ନତା ସୃଷ୍ଟି କରୁଛି। ସମ୍ପର୍କୀୟଙ୍କ ମଧ୍ୟରେ ଭାବ ଅଦାନପ୍ରଦାନରେ ବାଧା ହ୍ୱେ ସହ ଅନେକାଂଶରେ ପାରିବାରିକ କର୍ତ୍ତବ୍ୟ ସମ୍ପାଦନରେ ମଧ୍ୟ ସମସ୍ୟା ହୋଇ ଉଭା ହେଉଛି । ଆଗକୁ ଏହି ସୋସିଆଲ ମିଡ଼ିଆର ବହୁଳ ବ୍ୟବହାର ଯେ ମଣିଷ ସମାଜରେ ବଡ଼ ପାରିବାରିକ ଓ ସାମାଜିକ ବିପଦ ସୃଷ୍ଟି ନକରିବ, ତାକୁ କେହି ଏଡାଇ ଦେଇ ପାରିବେ ନାହିଁ ।


ସେହି କର୍ଣ୍ଣାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେସନ ନାଗାଟାଙ୍କ ପରାମର୍ଶ ଅନୁଯାୟୀ ଯେଉଁ ଘରେ ପିତାମାତା ଅଧିକ ସମୟ ସୋସିଆଲ ମିଡିଆରେ ବିତାଇଥାନ୍ତି, ସେମାନଙ୍କ ପିଲାମାନେ ମଧ ଏହି ଅଭ୍ୟାସରେ ପଡିବା ସ୍ୱାଭାବିକ । ମୋବାଇଲ ସ୍କ୍ରିନରେ ବିତାଉଥିବା ସମୟକୁ କମ କରିବା ପାଇଁ ପ୍ରତ୍ୟେକ ପରିବାର ଏକ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଛନ୍ତି। ତେଣୁ ଯେତେ ଦୂର ସମ୍ଭବ ସେତେ ଅଧିକ ସୋସିଆଲ ମିଡ଼ିଆ ଠାରୁ ଦୂରେଇ ରହି ଯେକୌଣସି ସୃଜନଶୀଳ କାର୍ଯ୍ୟ କିମ୍ବା ପାରିବାରିକ ଅଥବା ସାଙ୍ଗଠନିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖିବା ଆମ ସମସ୍ତଙ୍କ ପାଇଁ ମଙ୍ଗଳ ହେବ।


+ ସିନାପାଲି, ନୂଆପଡା
ମୋ: ୯୭୭୭୭୫୩୯୩୫

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ବୁଧବାର ୧୭ ଜୁନ୍,୨୦୨୬

# ଯକୃତ କର୍କଟର ନିରାକରଣ ସମ୍ଭବ



ଲିଭର କ୍ୟାନ୍ସର ବା ଯକୃତ କର୍କଟ ଏକ ମାରାତ୍ମକ ରୋଗ। ତେବେ ଅନେକାଂଶରେ ଏହାର ନିରାକରଣ କରାଯାଇ ପାରିବ। ପ୍ରତିବର୍ଷ ସାରା ପୃଥିବୀରେ ୬ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସରରେ ପ୍ରାଣ ହରାଇଥାନ୍ତି। ହିସାବକୁ ଦେଖିଲେ, ପୃଥିବୀରେ ଏହି କ୍ୟାନସର ଷଷ୍ଠ ସ୍ଥାନରେ ରହିଛି। ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ କ୍ଷେତ୍ରରେ ଏହାର ପ୍ରାଦୁର୍ଭାବ ଅଧିକ। ଫୁସ୍‌ଫୁସ୍ କ୍ୟାନ୍ସର ଓ ପେଟ ପରେ ଲିଭର କ୍ୟାନସର ହିଁ ଅଧିକ ଜୀବନ ନେଇଥାଏ। ପ୍ରତିବର୍ଷ ଯକୃତର ଅବହେଳା କାରଣରୁ ଲକ୍ଷାଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଯକୃତ ଦିବସର ବାର୍ତ୍ତା ରହିଥିଲା 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ' (ସଲିଡ୍ ହାବିଟ୍, ଷ୍ଟ୍ରଙ୍ଗ୍ ଲିଭର)।

ହେପାଟାଇଟିସ୍-ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍-ବି ୮୦ ପ୍ରତିଶତ ଏବଂ ଆମେରିକା ଓ ଜାପାନରେ ହେପାଟାଇଟିସ୍-ସି ୭୫ ପ୍ରତିଶତ ଲିଭର କ୍ୟାନସରର କାରଣ ହୋଇଥାଏ।

ହେପାଟାଇଟିସ୍-ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ବା ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ଜରିଆରେ ଜଣଙ୍କ ଶରୀରରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହୋଇଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି, ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍ସରରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ, ଡାଇବେଟିସ୍ ଓ ଆଫ୍‌ଲାଟକ୍ସିନ୍ ସେବନ ଯୋଗୁଁ ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍‌ର ଅଭାବ ଥିଲେ ମଧ୍ୟ ଏହି କ୍ୟାନ୍ସର ହୁଏ। ହେପାଟାଇଟିସ୍-ବି, ସି, ମଦ୍ୟପାନ, ଧୂମପାନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ପରବର୍ତ୍ତୀ ଅବସ୍ଥାରେ ଲିଭର କ୍ୟାନସର ଆକ୍ରାନ୍ତ କରାଏ।

ଆମ ଦେଶରେ ବହୁସଂଖ୍ୟକ ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଏହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି, ଜଣେ ପିଲାଠାରୁ ଅନ୍ୟ ଜଣେ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ଏବେ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଏମାନେ ନିରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୨୦-୨୫ ବର୍ଷ ପରେ) ଯକୃତ ସିରୋସିସ୍ ଓ ଯକୃତ କର୍କଟ ଆକ୍ରାନ୍ତ ହୋଇଥାନ୍ତି। ହେପାଟାଇଟିସ୍-ବି ଏଡ୍‌ସ ଠାରୁ ଶହେ ଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଆମେ ଯଦି ଟିକା ମାଧ୍ୟମରେ ହେପାଟାଇଟିସ୍-ବିର ନିରାକରଣ କରିପାରିବୁ, ତେବେ ଲିଭର କ୍ୟାନସର ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ରୋକାଯାଇ ପାରିବ। ରକ୍ତ ବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍-ବି ଓ ସି ପରୀକ୍ଷା ମାଧ୍ୟମରେ ବି ଏହାର ନିୟନ୍ତ୍ରଣ କରିହେବ। ଡାଏବେଟିସ୍ ଓ ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ଅନେକାଂଶରେ ନିୟନ୍ତ୍ରଣ ସାପେକ୍ଷ।

# ଦାମୀ ବ୍ୟୁଟି ପ୍ରଡକ୍ଟ ନୁହେଁ, ଖରାଦିନେ ତ୍ୱଚାରେ ଚମକ୍ ଆଣିବ ଏହିସବୁ ଫଳ



ଖରାଦିନ ଆସିବା ସହ ତାପମାତ୍ରା ବଢ଼ିବା କାରଣରୁ ମୁହଁର ରଙ୍ଗ ଫିକା ପଡ଼ିଯାଏ । ଅତ୍ୟଧିକ ଖରା ଯୋଗୁଁ ମୁହଁର ଗ୍ଲୋ ବା ଚମକ ଟ୍ୟାନିଂରେ ପରିଣତ ହୋଇଯାଏ । ଟ୍ୟାନିଂରୁ ରକ୍ଷା ପାଇବା ଏବଂ ଚମକ ପାଇବା ପାଇଁ ଲୋକମାନେ ଦାମୀ ବ୍ୟୁଟି ପ୍ରଡକ୍ଟର ସାହାଯ୍ୟ ନିଅନ୍ତି, କିନ୍ତୁ ପ୍ରକୃତି ଆମକୁ ଖରାଦିନେ ଏମିତି କିଛି ଫଳ ଦେଇଛି, ଯାହା ଆମର ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଆଜି ଆମେ ଆପଣଙ୍କୁ ଖରାଦିନେ ମିଳୁଥିବା ସେହି ଫଳଗୁଡ଼ିକ ବିଷୟରେ କହିବୁ, ଯାହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ ଚମକ ଦେବ ।

ତ୍ୱଚାକୁ ଚମକଦାର କରିବା ପାଇଁ କ'ଣ ଖାଇବେ ?


୧. ପଇଡ ପାଣି:
ନଡ଼ିଆ ପାଣି ଶରୀରକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାକୁ ଚମକଦାର ଏବଂ କୋମଳ ରଖିବାରେ ସାହାଯ୍ୟ କରେ । ଯଦି ଖରାଦିନେ ପ୍ରତିଦିନ ଗୋଟିଏ ପଇଡ ପାଣି ପିଇବେ, ତେବେ ପେଟ ଏବଂ ତ୍ୱଚା ଉଭୟ ସୁସ୍ଥ ରହିବ ।

୨. ତରଭୁଜ:
ତରଭୁଜରେ ପ୍ରଚୁର ପରିମାଣରେ ଭିଟାମିନ୍ ସି, ଫାଇବର ଏବଂ ପାଣି ଥାଏ । ଭିଟାମିନ୍ ସି ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ଖରାଦିନେ ଟ୍ୟାନିଂ ସମସ୍ୟାରେ ଅସୁବିଧା ଭୋଗୁଛନ୍ତି, ତେବେ ନିଜ ଖାଦ୍ୟରେ ତରଭୁଜକୁ ନିଶ୍ଚୟ ସାମିଲ କରନ୍ତୁ । ମୁହଁକୁ ଚମକଦାର କରିବା ସହ ତରଭୁଜ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖିବାରେ ମଧ୍ୟ ସାହାଯ୍ୟ କରେ ।

୩. କାକୁଡ଼ି:
କାକୁଡ଼ି କେବଳ ସାଲାଡର ଏକ ଅଂଶ ନୁହେଁ, ବରଂ ଏହା ପେଟ ଏବଂ ତ୍ୱଚା ଉଭୟ ପାଇଁ ସ୍ୱାସ୍ଥ୍ୟର ଭଣ୍ଡାର । କାକୁଡ଼ି ସମ୍ପୂର୍ଣ୍ଣ ଶରୀରକୁ ହାଇଡ୍ରେଟ୍ ରଖେ ଏବଂ ମୁହଁର ଶୁଷ୍କତାକୁ କମ୍ କରିବାରେ ସାହାଯ୍ୟ କରେ । ଅନେକ ସ୍କିନ୍ ଟ୍ରିଟମେଣ୍ଟରେ କାକୁଡ଼ି ବ୍ୟବହାର କରାଯାଏ ।

୪. ଆମ୍ବ:
ଆମ୍ବର ତାସିର ଗରମ ହୋଇଥିଲେ ମଧ୍ୟ ଏହା ତ୍ୱଚା ପାଇଁ ଲାଭଦାୟକ । ଆମ୍ବରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ମୁହଁର ହଜିଯାଇଥିବା ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ । ଯଦି ସଠିକ୍ ପରିମାଣରେ ଆମ୍ବ ସେବନ କରାଯାଏ, ତେବେ ଏହା ସମ୍ପୂର୍ଣ୍ଣ ଶରୀର ପାଇଁ ଫାଇଦା ମିଳିଥାଏ ।

୫. କମଳା:
କମଳାରେ ପ୍ରଚୁର ଭିଟାମିନ୍ ସି ଥାଏ । ଏହାର ଚୋପା ଠାରୁ ଆରମ୍ଭ କରି ରସ ପର୍ଯ୍ୟନ୍ତ ସବୁକିଛି ତ୍ୱଚା ପାଇଁ ଉପକାରୀ । କମଳା କେବଳ ମୁହଁକୁ ଗଭୀର ଭାବରେ ପୋଷଣ ଦିଏ ନାହିଁ, ବରଂ କଳା ଦାଗକୁ ହାଲୁକା କରିବାରେ ସାହାଯ୍ୟ କରେ । କମଳା ଚୋପାର ବ୍ୟବହାର ଫେସ୍‌ପ୍ୟାକ୍‌ରେ ମଧ୍ୟ କରାଯାଇଥାଏ ।



# ଫଳରୁ ଷ୍ଟିକର ଛଡ଼ାଇ ଖାଆନ୍ତୁ



ଖାଦ୍ୟ ଓ ପାନୀୟରେ ଅସାବଧାନତା ଅନେକ ସମୟରେ ମହଙ୍ଗା ପଡ଼ିପାରେ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଫଳ ଓ ପନିପରିବା ଉପରେ ଷ୍ଟିକର ଲଗାଇବାକୁ ନେଇ ଏକ ଚେତାବନୀ ଜାରି କରିଛନ୍ତି। କହିଛନ୍ତି ଯେ, ଏହି ଷ୍ଟିକରଗୁଡ଼ିକର ପଛପଟେ ବ୍ୟବହୃତ ଅଠାଜାତୀୟ ପଦାର୍ଥ ଖାଦ୍ୟ ଉପଯୋଗୀ ନୁହେଁ, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଆମେ ପ୍ରାୟତଃ ଫଳ ତଥା ପନିପରିବା କିଣିବା ସମୟରେ ସେଥିରେ ଲାଗିଥିବା ଷ୍ଟିକରଗୁଡ଼ିକୁ ଅଣଦେଖା କରିଦେଉ। ତେବେ ଏହି ଛୋଟ ଭୁଲ୍ ସମସ୍ୟା ସୃଷ୍ଟି କରିପାରେ। ବିଶେଷଜ୍ଞଙ୍କ ମତରେ, ଷ୍ଟିକରଗୁଡ଼ିକରେ ବ୍ୟବହୃତ ଗ୍ଲୁ, କାଳି ଓ ଅନ୍ୟ ରାସାୟନିକ ପଦାର୍ଥ ଶରୀର ପାଇଁ ନିରାପଦ ନୁହେଁ। ତେଣୁ ଖାଇବା ପୂର୍ବରୁ ସେଗୁଡ଼ିକୁ ବାହାର କରିବା ଦରକାର। ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ଯେ, ଯଦି ଭୁଲ୍‌ବଶତଃ ଏଥିରୁ ଛୋଟ ଖଣ୍ଡଟିଏ ଶରୀର ଭିତରକୁ ଯାଏ, ତେବେ ବିରାଟ କ୍ଷତି କରିପାରେ। ଏହାଦ୍ୱାରା ପେଟ ଖରାପ, ସାମାନ୍ୟ ବାନ୍ତି କିମ୍ବା ପାଚନ ସମସ୍ୟା ଦେଖାଦେଇପାରେ। କେତେକ ସମୟରେ ଶ୍ୱାସରୁଦ୍ଧର ଆଶଙ୍କା ବି ବଢ଼ାଇପାରେ। ତେଣୁ ସତର୍କତା ଅବଲମ୍ବନ କରିବା ଭଲ। ଏହି ବିପଦ ଏଡ଼ାଇବାର ସବୁଠାରୁ ସହଜ ଉପାୟ ହେଉଛି, ଖାଇବା ପୂର୍ବରୁ ଫଳ ଓ ପନିପରିବାକୁ ଭଲ ଭାବେ ଧୋଇ ତା' ଉପରେ ଲାଗିଥିବା ଷ୍ଟିକରଗୁଡ଼ିକୁ କାଢ଼ିଦେବା। ଉଷୁମ ପାଣିରେ ଅଳ୍ପ ପରିମାଣର କ୍ଲୋରିନ୍ ମିଶାଇ ତାହାକୁ ସଫା କରାଯାଇପାରିବ। ତେବେ ସାବୁନ କିମ୍ବା କୌଣସି ରାସାୟନିକ କ୍ଲିନର୍ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ହୋଇଥାଏ।

# ଏହି ଟିପ୍ସ ଆପଣାନ୍ତୁ, ଘରକୁ ଆସିବେନି ପିମ୍ପୁଡି

**ଆପଣଙ୍କ ଘରେ ବି ସବୁବେଳେ ନାଲି ପିମ୍ପୁଡି ବୁଲୁଥିବାର ଆପଣ ଦେଖୁଛନ୍ତି କି ? ଆଉ ଏଥିପାଇଁ ଆପଣ ସବୁବେଳେ ଚିନ୍ତାରେ ପଡିଯାଉଛନ୍ତି କି ? ଅଧିକାଂଶ ସମୟରେ ଲୋକମାନେ ପିମ୍ପୁଡିଙ୍କ ଉପରେ କୀଟନାଶକ ସ୍ପ୍ରେ କରି ମାରିଦିଅନ୍ତି । କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି କିଛି ଟିପ୍ସ କହିବୁ ଯାହାଦ୍ୱାରା ଆପଣ ପିମ୍ପୁଡିଙ୍କୁ ନ ମାରି ବି ଘରୁ ବାହାର କରିଦେଇପାରିବେ । ଯଦି ଆପଣ ଅନେକ ଉପାୟ ଆପଣାଇ ସାରିଛନ୍ତି, ତଥାପି ନାଲି ପିମ୍ପୁଡ଼ିମାନେ ଘର ଛାଡ଼ିବା ନାଁ ନେଉନାହାନ୍ତି, ତେବେ କିଛି ସହଜ ଦେଶୀ ଟିପ୍ସ ଆପଣଙ୍କୁ ସାହାଯ୍ୟ କରିପାରିବ।**

*କାକୁଡ଼ି ଚୋପା :*
ସର୍ବପ୍ରଥମେ କାକୁଡ଼ି ଚୋପା ବିଷୟରେ ଆଲୋଚନା କରିବା। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ପିମ୍ପୁଡ଼ିମାନଙ୍କୁ କାକୁଡ଼ିର ଗନ୍ଧ ଜମାରୁ ପସନ୍ଦ ନୁହେଁ। କିଛି ଗବେଷଣାରୁ ମଧ୍ୟ ଜଣାପଡ଼ିଛି ଯେ କାକୁଡ଼ି ଚୋପାରେ ଏପରି କିଛି ଉପାଦାନ ଥାଏ, ଯାହା ସେହି ଫଙ୍ଗସକୁ କମାଇଥାଏ ଯାହା ପ୍ରତି ପିମ୍ପୁଡ଼ିମାନେ ଆକର୍ଷିତ ହୁଅନ୍ତି। ଆପଣ ସେହି ସ୍ଥାନଗୁଡ଼ିକରେ କାକୁଡ଼ି ଚୋପା ରଖିପାରିବେ ଯେଉଁଠାରେ ପିମ୍ପୁଡି ସବୁଠାରୁ ଅଧିକ ଦେଖାଯାନ୍ତି କିମ୍ବା ଯେଉଁ ବାଟ ଦେଇ ସେମାନେ ଘର ଭିତରକୁ ପ୍ରବେଶ କରନ୍ତି।

*ଭିନେଗାର:*
ଦ୍ୱିତୀୟ ସହଜ ଉପାୟ ହେଉଛି ଭିନେଗାରର ବ୍ୟବହାର। ନାଲି ପିମ୍ପୁଡ଼ିମାନେ ଭିନେଗାରର ତୀବ୍ର ଗନ୍ଧ ଯୋଗୁଁ ଦୂରକୁ ପଳାନ୍ତି। ଏଥିପାଇଁ ସମାନ ପରିମାଣର ଭିନେଗାର ଏବଂ ପାଣି ମିଶାଇ ଏକ ସ୍ପ୍ରେ ପ୍ରସ୍ତୁତ କରନ୍ତୁ। ଏବେ ଏହାକୁ ସେହି ସ୍ଥାନଗୁଡ଼ିକରେ ସ୍ପ୍ରେ କରନ୍ତୁ ଯେଉଁଠାରେ ପିମ୍ପୁଡ଼ି ପ୍ରାୟତଃ ଦେଖାଯାନ୍ତି।


*ଚକ୍‌ର ବ୍ୟବହାର :*
ଅନେକ ଘରେ ପିମ୍ପୁଡ଼ିମାନଙ୍କୁ ରୋକିବା ପାଇଁ ଚକ୍ ମଧ୍ୟ ବ୍ୟବହାର କରାଯାଏ। ବିଶ୍ୱାସ କରାଯାଏ ଯେ ଚକ୍‌ରେ ଟଣାଯାଇଥିବା ରେଖା ପିମ୍ପୁଡ଼ିଙ୍କ ରାସ୍ତାରେ ବାଧା ସୃଷ୍ଟି କରିଥାଏ। ଯଦିଓ ଏହି ଉପାୟଟି ଦୀର୍ଘ ସମୟ ପାଇଁ ପ୍ରଭାବଶାଳୀ ହୋଇନଥାଏ, ତଥାପି କିଛି ସମୟ ପାଇଁ ପିମ୍ପୁଡିଙ୍କ ଯାତାୟାତ କମିଯାଇପାରେ।

ଧ୍ୟାନ ଦିଅନ୍ତୁ ଯଦି ଘରେ ପିମ୍ପୁଡ଼ିଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି, ତେବେ ସେମାନଙ୍କ ଆସିବାର ମୂଳ କାରଣକୁ ଦୂର କରିବା ଜରୁରୀ ହୋଇଥାଏ। ପ୍ରାୟତଃ ଖାଦ୍ୟର ଛୋଟ ଛୋଟ କଣିକା, ମିଠା ପାନୀୟର ଦାଗ ଏବଂ ଖୋଲା ରଖାଯାଇଥିବା ଖାଦ୍ୟ ପିମ୍ପୁଡ଼ିଙ୍କୁ ଆକର୍ଷିତ କରିଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ରୋଷେଇ ଘର ଏବଂ ଚଟାଣର ନିୟମିତ ସଫେଇ ହିଁ ପିମ୍ପୁଡିଙ୍କୁ ଦୂରେଇ ରଖିବାର ସବୁଠାରୁ ପ୍ରଭାବଶାଳୀ ଉପାୟ। ଖାଦ୍ୟ ତଳେ ପଡ଼ିବା ମାତ୍ରେ ତାକୁ ସଙ୍ଗେ ସଙ୍ଗେ ସଫା କରନ୍ତୁ ଏବଂ ରୋଷେଇ ଘରର କୋଣ ଅନୁକୋଣରେ ଜମି ରହିଥିବା ଖାଦ୍ୟକୁ ସଫା କରନ୍ତୁ।ଏହା ବ୍ୟତୀତ, ଖାଦ୍ୟ ପଦାର୍ଥକୁ ସବୁବେଳେ ଏୟାରଟାଇଟ୍‌ବାରେ ଷ୍ଟୋର କରି ରଖନ୍ତୁ। ଘରେ ଥିବା ଫାଟ ଏବଂ ଛୋଟ ଛୋଟ କଣା ମଧ୍ୟ ପିମ୍ପୁଡ଼ିଙ୍କ ପାଇଁ ଏଣ୍ଟ୍ରି ଗେଟ୍ ଭଳି କାମ କରେ। ତେଣୁ ଝରକା, କବାଟ ଏବଂ କାନ୍ଥର ଫାଟଗୁଡ଼ିକୁ ସିଲ୍ କରିବା ଜରୁରୀ।




# ଚାଲିବା ଅଭ୍ୟାସ ନଥିଲେ ଶରୀର ଓ ମନରେ ପଡ଼େ ଖରାପ ପ୍ରଭାବ

ଆପଣ ଯଦି ନିୟମିତ ଚାଲିବା ବନ୍ଦ କରନ୍ତି ତେବେ ଆପଣଙ୍କ ଦେହ ଖରାପ ହେଇପାରେ । ଜାଣନ୍ତୁ ଏହାର କାରଣ କଣ ହୋଇପାରେ । ନିୟମିତ ଚାଲିବା ବା ଦୌଡ଼ିବା ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରଖିଥାଏ । ଶରୀର ସୁସ୍ଥ ରହିବା ସହିତ, ମସ୍ତିଷ୍କ ମଧ୍ୟ ଭଲ ରୁହେ । କେବଳ ତାହା ନୁହେଁ ଆପଣଙ୍କ ମନ ଭଲ ରହିଥାଏ । ସବୁଦିନ ଚାଲିବା ସବୁଠାରୁ ସହଜ ଉପାୟ ହେଉଛି ଶରୀରକୁ ସୁସ୍ଥ ରଖିବାର । ତେଣୁ ଆପଣ କିଛି ଦିନ ଚାଲିବା ଦରକାର । ବିଶେଷଜ୍ଞ କହିବା ଅନୁସାରେ, ଚାଲିବା ହେଉଛି ସବୁଠାରୁ ସହଜ ବାଟ । ଆଜିକାଲି ଆମେ ଅଧିକ ସମୟ ବସି ରହୁଛୁ ଓ ହାଟିବା କମ କରୁଛୁ। କିନ୍ତୁ ଡାକ୍ତରମାନେ କହୁଛନ୍ତି, ନିୟମିତ ହାଟିବା ନ କଲେ ଶରୀର ଓ ମନ ଦୁହିଁଟି ଖରାପ ହୋଇପାରେ। ନ କଲେ ହୃଦରୋଗ, ସୁଗର (ଡାୟାବେଟିସ) ଭଳି ରୋଗର ବଢ଼ିଯାଏ। ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ ଓ ମୋଟାପଣ ମଧ୍ୟ ବଢ଼ିପାରେ ।ଏହା ସହ ମନରେ ମଧ୍ୟ ପ୍ରଭାବ ପଡ଼େ। ଅଧିକ ସମୟ ବସି ରହିଲେ ଟେନ୍ସନ, ଚିନ୍ତା ଭାବ ବଢ଼ିଯାଏ । ଚାଲିବା ମନକୁ ହାଲୁକା ଓ ଖୁସି ରଖେ । ଚାଲିବା ନ କଲେ ଶରୀର ଗଡ଼ିଆ ହୋଇଯାଏ, ହାଡ଼ ଦୁର୍ବଳ ହୁଏ ଓ ଦୈନନ୍ଦିନ କାମ କରିବାକୁ ମଧ୍ୟ ଅସୁବିଧା ହୁଏ। ଦୀର୍ଘ ସମୟରେ ସ୍ମୃତି ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼ିପାରେ । ତେଣୁ ବିଶେଷଜ୍ଞଙ୍କ ମତରେ ଚାଲିବା ଦରକାର, ଦିନକୁ ଅତି କମରେ ୧୫-୨୦ ମିନିଟ ହାଟିବା ଅଭ୍ୟାସ କରନ୍ତୁ। ଏହା ଆପଣଙ୍କୁ ସୁସ୍ଥ ଓ ଖୁସି ରଖିବ।



# ସୁନ୍ଦର ଚେହେରା ଚାହୁଁଛନ୍ତି କି ? ତେବେ ଆପଣାନ୍ତୁ ଏହି ଫିଲର୍

ଆଜିକାଲି ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହିଁଥାଆନ୍ତି । ସେଥିପାଇଁ ଏବେ ବିଭିନ୍ନ ପ୍ରକାର ଟ୍ରିଟ୍‌ମେଣ୍ଟ୍ ମଧ୍ୟ କରାଉଛନ୍ତି । ଯାହାକୁ ଆମେ ବୁଟକ୍ସ ବୋଲି କହିଥାଉ। ଏହା ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ରହିଛି । ଏହି ଟ୍ରିଟ୍‌ମେଣ୍ଟ୍‌କୁ ବ୍ୟବହାର କରି ଆମର ମୁହଁରେ ପଡୁଥିବା ବିଭିନ୍ନ ଭାଙ୍ଗକୁ ଦୂର କରାଯାଏ । ଅଭିନେତ୍ରୀମାନେ ବୁଟକ୍ସ କରି ଏତେ ସୁନ୍ଦର ଚେହେରାର ଅଧିକାରୀ କରିପାରୁଛନ୍ତି ।



ଡର୍ମାଲ୍ ଫିଲର- ଏହି ପ୍ରକ୍ରିୟାରେ ଆମ ଗାଲ, ଓଠ, ଆଖି ତଳ ଭଳି ସ୍ଥାନକୁ ଫୁଲା କରିବା ପାଇଁ ବ୍ୟବହାର କରାଯାଏ। ଯେଉଁମାନେ ସୁନ୍ଦର ଚେହେରା ପାଇଁ ସର୍ଜରି କରିବା ପାଇଁ ପସନ୍ଦ କରୁନାହାନ୍ତି ସେମାନେ ଏହି ପ୍ରକ୍ରିୟାକୁ ଆପଣାଇ ଥାଆନ୍ତି। ଏଥିରେ ଏକ ଏସିଡ୍ ଆମ ଶରୀରରେ ବ୍ୟବହାର କରାଯାଇଥାଏ।

ସ୍ୱେଟ୍ ବୋଟୋକ୍ସ୍- ମଣିଷର ଝାଳ ବୋହିବା ଏକ ସାଧାରଣ ପ୍ରକ୍ରିୟା। ଏହା ଆମ ଶରୀରକୁ ଥଣ୍ଡା କରିବାରେ ସାହାଯ୍ୟ କରିଥାଏ। ସେଲିବ୍ରେଟିମାନେ ଯେତେବେଳେ କୌଣସି ଲମ୍ବା ସୁଟିଂରେ ରହିଥାଆନ୍ତି ସେତେବେଳେ କାଖତଳ, ହାତ, ପାଦରେ ସ୍ୱେଟ୍ ବୋଟୋକ୍ସ୍ ଟ୍ରିଟ୍‌ମେଣ୍ଟ୍ କରାଇଥାଆନ୍ତି।

ସ୍ମାଇଲ୍ କରେକସନ୍- ହସକୁ ସୁନ୍ଦର କରିବା ପାଇଁ ଏହି ଟ୍ରିଟ୍‌ମେଣ୍ଟ୍ କରାଯାଇଥାଏ। ଉପର ଓଠରେ ଏହି ଇଞ୍ଜେକ୍‌ସନ୍ ଦିଆଯାଏ। ଯେଉଁ କାରଣରୁ ହସିବା ସମୟରେ ଅଧିକ ମାଢ଼ି ଦେଖାଯିବ ନାହିଁ ଏବଂ ଆମ ହସ ସୁନ୍ଦର ଲାଗିବ। ଏହାକୁ ଲିପ୍ ବୋଟୋକ୍ସ୍ ମଧ୍ୟ କୁହାଯାଏ ଯେଉଁଥିରେ ଓଠକୁ କିଞ୍ଚିତ ସ୍ଥୁଳ କରାଯାଏ।

ଥ୍ରେଡ୍ ଲିଫ୍ଟ- ଏହା ବିଶେଷଭାବେ ଢ଼ିଲାପଣ ଚର୍ମକୁ ଉପରକୁ ଉଠାଇବାକୁ କରାଯାଇଥାଏ। ଏହା ସର୍ଜରି ନକରି ମୁହଁକୁ ଟାଇଟ୍ କରିବା ପାଇଁ ବ୍ୟବହାର ହୋଇଥାଏ।

ସ୍କିନ୍ ବୁଷ୍ଟର- ଶରୀରକୁ ଗଭୀରଭାବେ ହାଇଡ୍ରେସନ୍ କରିବା ଏବଂ ଭିତରୁ ଚମକ ଆଣିବା ପାଇଁ ଏହି ପ୍ରକ୍ରିୟାର ବ୍ୟବହାର କରାଯାଇଥାଏ। ଏଥିରେ ମଧ୍ୟ ଏକ ଏସିଡ୍‌ର ବ୍ୟବହାର କରାଯାଇଥାଏ। ଯେଉଁମାନେ ଗ୍ଲାସ୍ ସ୍କିନ୍ ପସନ୍ଦ କରିଥାଆନ୍ତି ସେମାନେ ଏହି ବୁଷ୍ଟ୍ ନେଇପାରିବେ।

# ଓଡ଼ିଶାରେ ବିକାଶର ଦୁଇ ବର୍ଷ: ସୁଶାସନ ଓ ଜନକଲ୍ୟାଣର ନୂଆ ଅଧ୍ୟାୟ



ବାଲେଶ୍ୱର, ୧୬/୦୬ (ନି.ପ୍ର): ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ବୃହତ୍ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ରାଜ୍ୟ ସରକାରଙ୍କ ବିଗତ ଦୁଇ ବର୍ଷର ଉଲ୍ଲେଖନୀୟ ସଫଳତା ଓ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି।

ଏହି ସମ୍ମିଳନୀରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା, ମାନ୍ୟବର ବିଧାୟକ, ସଦର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ନୀଳଗିରି ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟ ବଂଶୀ ମୟୁର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ବିଜେପି ଜିଲ୍ଲା ସଭାପତି, ବାଲେଶ୍ୱର ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା, ଉତ୍ତର ବାଲେଶ୍ୱର ବିଜେପି ସଭାପତି ଡଃ ପ୍ରଦୀପ କୁମାର ପଣ୍ଡା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ମମତା ମହାପାତ୍ର ଓ ସୁଷମା ରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷର ଶାସନକାଳ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଯୁଗାନ୍ତକାରୀ ସମୟ ସାବ୍ୟସ୍ତ ହୋଇଛି। ସେ କହିଛନ୍ତି, 'ଆମ ସରକାର ମହିଳା ସଶକ୍ତିକରଣ, ଗରିବ କଲ୍ୟାଣ ଏବଂ ସାମାଜିକ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛି। ବାଲେଶ୍ୱର ଜିଲ୍ଲାରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ଉଦ୍ୟମ କରାଯାଇଛି, ତାହା ଆଜି ଫଳପ୍ରଦ ହେଉଛି।' ସେହିଭଳି ବାଲେଶ୍ୱର ଜିଲ୍ଲାର ପ୍ରଗତି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ ଉପ ମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଠିକ ସେହିଭଳି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ସମ୍ପର୍କରେ ମନ୍ତବ୍ୟ ଦେଇ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ଶିଖର ସ୍ଥାନରେ ପହଁଚିଛି । ଗରିବ କଲ୍ୟାଣ, ଭିତ୍ତିଭୂମି ବିକାଶ ଓ ଡିଜିଟାଲ୍ କ୍ରାନ୍ତି ମାଧ୍ୟମରେ ଭାରତୀୟ ଜନଜୀବନରେ ଯେଉଁ ପରିବର୍ତ୍ତନ ଆସିଛି, ତାହା ଅଭୂତପୂର୍ବ। ଓଡ଼ିଶା ମଧ ଏହି ବିକାଶ ପ୍ରକ୍ରିୟାରେ ସମଭାଗୀ ହୋଇ ପ୍ରଗତି ପଥରେ ଅଗ୍ରସର ହେଉଛି।' ସାମ୍ବାଦିକ ସମ୍ମିଳନୀ ପରେ, ଉପ-ମୁଖ୍ୟମନ୍ତ୍ରୀ ବିଭିନ୍ନ କଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଏଥି ମଧ୍ୟରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଯ୍ୟାଦେଶ, ମୋବାଇଲ୍ ସହାୟତା, ମଧୁବାବୁ ପେନ୍‌ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନା, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା , ଲକ୍ଷପତି ଦିଦି ସାର୍ଟିଫିକେଟ୍ ଏବଂ ରାସନ୍ କାର୍ଡ ଅନ୍ତର୍ଭୁକ୍ତ ଥିଲା। ଏହି ଯୋଜନାଗୁଡ଼ିକ ଯୋଗୁଁ ବାଲେଶ୍ୱର ଜିଲ୍ଲାର ହଜାର ହଜାର ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇଛନ୍ତି।

ଏହା ପରେ ଉପ-ମୁଖ୍ୟମନ୍ତ୍ରୀ ସୋସିଆଲ ମିଡ଼ିଆ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ସେ ସେମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଆଜିର ଯୁଗରେ ସୂଚନା ସମ୍ପ୍ରସାରଣରେ ସୋସିଆଲ ମିଡ଼ିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଜନକଲ୍ୟାଣକାରୀ ସୂଚନାକୁ ସଠିକ୍ ଭାବେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେମାନଙ୍କୁ ସକ୍ରିୟ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ଓଡ଼ିଶା ରକ୍ତଦାତା ସଂଘ ଆନୁକୂଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ପାଳିତ

ବାଲେଶ୍ୱର , ୧୬/୦୬ (ନି.ପ୍ର): ଓଡ଼ିଶା ରକ୍ତଦାତା ସଂଘ ଆନୁକୂଲ୍ୟରେ ଡ଼ା. କାର୍ଲ ଲ୍ୟାଣ୍ଡ ଷ୍ଟିନରଙ୍କ ଜୟନ୍ତୀ ପାଳନ ଅବସରରେ ବିଶ୍ୱ ରକ୍ତଦାତା ଦିବସ ବାଲିଆପାଳବ୍ଲକସ୍ଥିତ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଉକ୍ତ ବୈଠକରେ ସଂଘର ସଭାପତି ଭିକାରୀ ଚରଣ ମିସ୍ତ୍ରୀ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା, ଡ. ପ୍ରେମାନନ୍ଦ ସେଠୀ ଅତିଥି ପରିଚୟ ଓ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ବିଶ୍ୱ ରକ୍ତଦାତା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଉତ୍ତମ କୁମାର ମାହାନା, ଦିଗମ୍ବର ରଣା, ସନ୍ୟାସୀ ବେହେରା, ଅରୁଣ କୁମାର ମାଣିକ ଓ ବିନୋଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛାତ୍ରୀ ସ୍ମୃତିରେଖା ମହାନ୍ତି ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡ଼ା. ସନ୍ତୋଷ କୁମାର ପ୍ରାମାଣିକ, ମୁଖ୍ୟବକ୍ତା ଭାବରେ ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ ଓ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ବ୍ରଜେନ୍ଦ୍ର ନାଥ ଗିରି, ବୋଳଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. କୃତ୍ତିବାସ ସାହୁ, ବାଲେଶ୍ୱର ଜିଲ୍ଲା ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଚଳିତ ବିଶ୍ୱ ରକ୍ତଦାତା ଦିବସର ବିଷୟବସ୍ତୁ ମାନବିକତାର ଗୋଟିଏ ବୁନ୍ଦା - ରକ୍ତଦାନ କରନ୍ତୁ - ଜୀବନ ବଞ୍ଚାନ୍ତୁ ଓ ସ୍ୱେଚ୍ଛା ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଓଡ଼ିଶା ରକ୍ତଦାତା ସଂଘର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଯୁବ ସମାଜକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ସ୍ୱେଚ୍ଛା ରକ୍ତଦାନ ମାନବିକତାର ଅନ୍ୟତମ ପରିଚୟ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ବିଶ୍ୱ ରକ୍ତଦାତା ଦିବସ ସମ୍ପର୍କରେ ପ୍ରୋଗ୍ରାମ ଅଫିସର ଶ୍ରୀହରି ଶଙ୍କର ପାଣିଗ୍ରାହୀ, ତପନ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ବେହେରା, ଦେବେନ୍ଦ୍ର ଆଚାର୍ଯ୍ୟ, ଜୟପ୍ରକାଶ ଦାସ, ସୁଷମା ଦାସ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ସ୍ୱେଚ୍ଛା ରକ୍ତଦାନ ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବା ପାଇଁ ଏହି କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଛି। ଯଜ୍ଞେଶ୍ୱର ଗିରି, ସଞ୍ଜୟ କୁମାର ପ୍ରଧାନ ଓ ଗୋପୀନାଥ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛା ରକ୍ତଦାନ ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଆପାଳସ୍ଥିତ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ସଦସ୍ୟ ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଓଡ଼ିଶା ବ୍ଲଡ ଡୋନର ଆସୋସିଏସନ୍ ସହଯୋଗରେ ଆୟୋଜନ କରିଥିବା ଅନୁଷ୍ଠାନ ସମେତ ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ସମେତ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଶ୍ରୀହରି ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ପୂର୍ଣ୍ଣଚନ୍ଦ୍ର, ସଂଗ୍ରାମ ଓ ଗୁରୁବାରି



ଉଦଳା, ୧୬/୦୬ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ବାଲିନାଳ ଗ୍ରାମର ବାସିନ୍ଦା ଲସ ମାର୍ଣ୍ଡିଙ୍କର ଦୁଇପୁତ୍ର 'ପୂର୍ଣ୍ଣଚନ୍ଦ୍ର' ଓ 'ସଂଗ୍ରାମ'ଙ୍କର ଆଧାର କାର୍ଡ଼ ନାହିଁ । ଦିନମଜୁରିଆ ଭାବରେ କାମ କରି ନିଜ ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଲସ ମାର୍ଣ୍ଡି ଏଥିପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ପରିବାରକୁ ମିଳିଥିବା ରାସନକାର୍ଡ଼ରେ ଏହି ଦୁଇପୁତ୍ରଙ୍କର ନାମ ଯୋଡ଼ାଯାଇପାରୁ ନଥିବାରୁ ମୁଣ୍ଡପିଛା ସରକାର ଯୋଗାଇ ଦେଉଥିବା ୫କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର କହିଛନ୍ତି । ସେହିପରି ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖଡ଼ିଖାଣିଆ ଗ୍ରାମର ବାସିନ୍ଦା ସାନଗରା ସିଂଙ୍କର କନ୍ୟା 'ଗୁରୁବାରି'ଙ୍କର ମଧ ଆଧାରକାର୍ଡ଼ ନାହିଁ । ତାଙ୍କର ନାମ ମଧ ପରିବାରକୁ ମିଳିଥିବା ରାସନକାର୍ଡ଼ରେ ଯୋଡ଼ାଯାଇ ପାରୁ ନାହିଁ । ଫଳରେ ସେ ମାସିକ ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ସାନଗରା ସିଂ ମଧ ଦିନମଜୁରିଆ ଭାବରେ କାମ କରି ପରିବାର ଚଳାଉଛନ୍ତି । ପୂର୍ଣ୍ଣଚନ୍ଦ୍ରଙ୍କୁ ବର୍ତ୍ତମାନ ବୟସ ୧୩ ବର୍ଷ ଛୁଇଁଥିବା ବେଳେ ସଂଗ୍ରାମଙ୍କୁ ୭ ବର୍ଷ ଓ ଗୁରୁବାରିଙ୍କୁ ୧୨ ବର୍ଷ ବୟସ ଛୁଇଁଲା । ଏହି ୩ଜଣ ଯାକ ପିଲା ଆଧାର କାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଉଥିଲେ ମଧ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଯାଇଛି । ବିଭାଗୀୟ କତୃପକ୍ଷ ଏଥିପାଇଁ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ବିକାଶର ଧାରା ଓଡ଼ିଶା ସାରା, ସହରାଞ୍ଚଳ ଜନସଂପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

ଖୋର୍ଦ୍ଧା , ୧୬/୦୬ (ନି.ପ୍ର): ପୌରପରିଷଦ ଟାଉନ୍ ହଲ୍ ଠାରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ଆନୁକୂଲ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ଶ୍ରୀ ଜ୍ୟୋତି ଶଙ୍କର ସାହୁ ଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳ ଜନ ସଂପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଜଟଣୀ ପୌର ପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ଅଧ୍ୟକ୍ଷ ମିଟୁ ନାୟକ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ପ୍ରାଚୀ ପ୍ରଭା ସ୍ୱାଇଁ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ସହ ନିର୍ଦ୍ଦେଶିକା, ରାଜ୍ୟ କାର୍ଯ୍ୟକ୍ରମ, ଜନାଗ୍ରହ, ପ୍ରଣତି ଦାସ, ଦଳ ମୁଖ୍ୟ ଟାଟା ଷ୍ଟିଲ ଫାଉଣ୍ଡେସନ, ଶିଶିର ରଂଜନ ଦାଶ, ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ, କାବେରୀ ମୁଦୁଲି, ନିର୍ବାହୀ ଅଧିକାରୀ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ, ପ୍ରାଣ ନାଥ ସେଠ ଏବଂ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ। କାର୍ଯ୍ୟକ୍ରମ ସମାରୋହ ଅଧ୍ୟକ୍ଷ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ଶ୍ରୀ ଜ୍ୟୋତି ଶଙ୍କର ସାହୁ ନିଜ ସ୍ୱାଗତ ଭାଷଣ ପୂର୍ବକ ଉଦବୋଧନରେ କହିଲେ ଖୋର୍ଦ୍ଧାର ସହରାଞ୍ଚଳ ବିକାଶ ଦ୍ରୁତ ଗତିରେ ଆଗେଇ ଚାଲିଛି । ଜିଲ୍ଲାରେ ଖୋର୍ଦ୍ଧା ଓ ଜଟଣୀ ଦୁଇଗୋଟି ପୌର ପରିଷଦ ଥିବାବେଳେ ଦୁଇଗୋଟି ବିଜ୍ଞାପିତ ଅଞ୍ଚଳ ବାଲୁଗାଁ ଓ ବାଣପୁର ଅଛି ଲ ସେହିପରି ଟାଙ୍ଗୀ କୁ ମଧ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତିରେ ଅନେକ ସହରାଞ୍ଚଳ ଯୋଜନା ପ୍ରଣୀତ ହୋଇଛି କ୍ଷ ସକାରାତ୍ମକ ଚିନ୍ତାଧାରା ରଖି ପ୍ରତ୍ୟେକ ପାରିଷଦ ନିଜ ନିଜ ୱାର୍ଡ ପାଇଁ କି କି ଆବଶ୍ୟକତା ଅଛି ଭିଜନ ତିଆରି କରି ଏହାକୁ ନିଷ୍ଠାର ସହ କାର୍ଯ୍ୟ କରିପାରିଲେ ବିକଶିତ ଓଡ଼ିଶା ଗଠନ ରେ ସମସ୍ତ ସହରାଞ୍ଚଳ ଅଧିକରୁ ଅଧିକ ବେଗରେ ବିକାଶ ହେବା ବୋଲି ଆହ୍ୱାନ ଦେଇଥିଲେ । ସେହିପରି ସହ ନିର୍ଦ୍ଦେଶିକା, ରାଜ୍ୟ କାର୍ଯ୍ୟ କ୍ରମ, ଜନାଗ୍ରହ୍ ପ୍ରଣତି ଦାସ ସହରାଞ୍ଚଳ ବିକାଶରେ କାଉଁସିଲର, ଠାରୁ ଆରମ୍ଭ କରି ଅଧ୍ୟକ୍ଷ ଅଧ୍ୟକ୍ଷା ମାନଙ୍କର କି ଦାୟିତ୍ୱ ଅଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶ୍ରୀମତୀ ଦାସ କହିଲେ ସମ୍ବିଧାନର ୭୪ ତମ ସଂଶୋଧନ ରେ ଉନ୍ନତ କ୍ଷମତା ଆସିଲା । ୱାର୍ଡ ସଭ୍ୟ ସଭ୍ୟା ମାନେ ୱାର୍ଡରେ କମିଟି ସଭାକରି ୱାର୍ଡ ର ପଞ୍ଚ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବେ । ବର୍ତ୍ତମାନ ଓଡ଼ିଶା ରେ ସହରାଞ୍ଚଳ ଶତକଡା ୨୦ ଥିବାବେଳେ ବିକଶିତ ଓଡ଼ିଶା ୨୦୩୬ ରେ ଏହାକୁ ଶତକଡା ୪୦ ଏବଂ ବିକଶିତ ଭାରତ ୨୦୪୭ ସୁଦ୍ଧା ଏହାକୁ ଶତକଡ଼ା ୬୦ ରେ ପହଞ୍ଚାଇବାକୁ ସରକାର ସର୍ତ୍ତସ୍ତରରୁ କିକି ଆବଶ୍ୟକତା ଅଛି ତାହାର ଭିଜନ ଡକ୍ୟୁମେଣ୍ଟ ତିଆରି କରିବା ଓ ସଂଗ୍ରହ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି ଯାହା ୱାର୍ଡ ସଭ୍ୟ ସଭ୍ୟା ନିଷ୍ଠାପର ଭାବେ କାର୍ଯ୍ୟ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ମଞ୍ଚାସିନ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଧ୍ୟକ୍ଷା ମାନେ ସହରାଞ୍ଚଳ ବିକାଶ ଦିଗରେ ନିଜ ନିଜ ର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ, କାବେରୀ ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ । ମଞ୍ଚ ସଂଯୋଜନା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କର୍ମକର୍ତ୍ତା ଶ୍ରୀ ନାରାୟଣ ଜେନା ସମ୍ପାଦନ କରିଥିଲେ । ଅଧିବେଶନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ କାଉଁସିଲର,ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ଥିଲେ ।

# ବ୍ରହ୍ମାକୁମାରୀ ଭଦ୍ରକ ଦ୍ୱାରା ଶିବ ଦର୍ଶନ ମ୍ୟୁଜିୟମ୍‌ର ଶୁଭ ଉଦ୍‌ଘାଟନ



ଭଦ୍ରକ , ୧୬/୦୬ (ନି.ପ୍ର): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ମଠସାହି ଭଦ୍ରକ ଦ୍ୱାରା ଆଧାତ୍ମିକ ଜ୍ଞାନ ର ଏକ ସୁନ୍ଦର ଓ ସରଳ ଚିତ୍ର ପ୍ରଦର୍ଶନୀ ଲାଇଟ୍ ଓ ସାଉଣ୍ଡ ର ସମିଶ୍ରଣରେ ମ୍ୟୁଜିୟମ୍ ନିର୍ମାଣ କରାଯାଇଛି। ମ୍ୟୁଜିୟମ ର ଉଦ୍ ଘାଟନ କାର୍ଯ୍ୟକ୍ରମ ରେ ଆବୁରାଜ ରାଜସ୍ଥାନ ରୁ ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଆତ୍ମ ପ୍ରକାଶ ଜୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ରୂପେ ସିତାଂଶୁ ଶେଖର ପାଣିଗ୍ରାହୀ, ବିଧାୟକ ଭଦ୍ରକ , ଯୋଗ ଦେଇଥିଲେ। ଭଦ୍ରକ ମ୍ୟୁନିସିପାଲିଟିର ଚେୟାର ପର୍ସନ ଗୁଲମକି ଦଲୱାଜୀ ହବିବ୍ ,ଭଦ୍ରକ ଟାଉନ ଥାନା ଆଇଆଇସି ଶୁଭ୍ରାଂଶୁ ମିଶ୍ର, ଜାଲୋର ରାଜସ୍ଥାନ ରୁ ବ୍ରହ୍ମାକୁମାରୀ ରଂଜୁ ଭଉଣୀ , ବ୍ରହ୍ମାକୁମାରୀ ଭଦ୍ରକ ର ସଂଚାଳିକ ମଞ୍ଜୁ ଭଉଣୀ , ବ୍ରହ୍ମାକୁମାରୀ ମଧୁସ୍ମିତା ଭଉଣୀ ପ୍ରମୂଖ ଯୋଗ ଦେଇ ଥିଲେ। ଏହି ଅବସରରେ ମଞ୍ଜୁ ଭଉଣୀଙ୍କ ୭୧ତମ ଜନ୍ମ ଦିବସ ମଧ ପାଳନ କରାଯାଇଥିଲା। ଶିବ ଦର୍ଶନ ମ୍ୟୁଜିଅମ୍ ଦ୍ୱାରା ଆତ୍ମିକ୍ ଶକ୍ତି ର ବିକାଶ ଓ ସମାଜ ପରିବର୍ତ୍ତନର ଏକ ନୂଆ ମାଧମ ହେବ ବୋଲି ବିଧାୟକ ଶିତାଂସୁ ଶେଖର ମହାପାତ୍ର ପ୍ରକାଶ କରି ଥିଲେ। ବ୍ରହ୍ମାକୁମାରୀ ମିଠୀ ଓ ପୂଜା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ , ଆଦିତ୍ୟ ଓ ଶ୍ରେୟା ଆଧାତ୍ମିକ ସଙ୍ଗୀତ ପରିବେଷଣ କରିଥିଲେ ।ସମସ୍ତେ ଈଶ୍ୱରୀୟ ଉପହାର ସହ ବ୍ରହ୍ମାଭୋଜନ ସ୍ୱୀକାର କରିଥିଲେ ।

# ଫୁଲବାଣୀ ପୌରପରିଷଦ ପକ୍ଷରୁ ସହରାଚଂଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

କନ୍ଧମାଳ, ୧୬/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଫୁଲବାଣୀ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଗୁରୁବାର 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ସହର ବିକାଶ ପ୍ରକ୍ରିୟାରେ ସାଧାରଣ ନାଗରିକଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବା ଏବଂ ପୌର ସେବାକୁ ଅଧିକ ଜନମୁଖୀ କରିବା, ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି କାର୍ଯ୍ୟକ୍ରମର ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହରାଚଂଳର ସାମଗ୍ରିକ ବିକାଶରେ ନାଗରିକଙ୍କ ସକ୍ରିୟ ଭାଗିଦାରୀ ଓ ପ୍ରଶାସନ ସହ ଜନସାଧାରଣଙ୍କ ନିବିଡ଼ ସମନ୍ୱୟର ଗୁରୁତ୍ୱ ସେ ଉଲ୍ଲେଖ କରିଥିଲେ। ଆୟୋଜିତ ସମାବେଶରେ ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ସାଂସଦ ପ୍ରତିନିଧି ଅଜିତ କୁମାର ପଟ୍ଟନାୟକ ଏବଂ କନ୍ଧମାଳ ଜିଲ୍ଲା ସହରାଚଂଳ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଓ ବିକାଶମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସହରର ସାମଗ୍ରିକ ବିକାଶ ପାଇଁ ପ୍ରଶାସନ ଓ ନାଗରିକଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ ଯୋଜନାର ଭତା ଏବଂ ନୂତନ ରେସନ କାର୍ଡ ବଣ୍ଟନ କରାଯାଇଥିଲା।

# କଇନଗରୀରେ ରଜ ଉତ୍ସବ

ବସ୍ତା, ୧୬/୦୬ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ କଇନଗରୀ ଗ୍ରାମପଞ୍ଚାୟତସ୍ଥ କଇନଗରୀ ଗ୍ରାମରେ ରଜ ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଗ୍ରାମର ଜୁଗୁଣୀ ପଦାଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ଶତାଧିକ ମହିଳା, ଯୁବତୀ, ଶିଶୁ, ବୟସ୍କ ପୁରୁଷ ଅଂଶ ଗ୍ରହଣ କରିଥିଲେ । ଦୋଳି, ପୋଡ଼ ପିଠା ତିଆରି, ଶଙ୍ଖ ଫୁଙ୍କା, ମୃଦଙ୍ଗ ବାଦନ, ସଙ୍ଗୀତ, ନୃତ୍ୟ, ମିଠା ପାନ ତିଆରି, ମ୍ୟୁଜିକ ଚେୟାର, ପୁଚି ଓ ତାସ ଖେଳ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ରଜ ପର୍ବ ସମ୍ପର୍କରେ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସନ୍ତୋଷ କୁମାର ମାନ୍ନାଙ୍କ ଅଧ୍ୟକ୍ଷତାରେ ଅଶୋକ ମାନ୍ନା, ବିରେନ୍ଦ୍ର ଶାସମଲ, ରାମକୃଷ୍ଣ ମହାକୁଡ଼, ସୌମ୍ୟରଞ୍ଜନ ମାନ୍ନା, ରାଜକିଶୋର ମଣ୍ଡଳ, ହରେକୃଷ୍ଣ ମହାକୁଡ଼, ଅନ୍ନପୂର୍ଣ୍ଣା ମାମ୍ନା, ରୁବିନା ମାନ୍ନା, ସୁମତି ପାଲ, ତୃପ୍ତିମୟୀ ମାନ୍ନା ପ୍ରମୁଖ ଏ ସମସ୍ତ କାର୍ଯ୍ୟକ୍ରମକୁ ପରିସ୍ଫୁଳନା କରିଥିଲେ । ସେହିପରି ତୁଳସୀ ଚୌରା ଛକଠାରେ ଆନନ୍ଦ କୁମାର ମେକାପଙ୍କ ନେତୃତ୍ୱରେ ସୁଶାନ୍ତ ମେକାପ, ହରିହର ସାମନ୍ତ, ଭୁଧର ମଣ୍ଡଳ, ଜଗନ୍ନାଥ ମଣ୍ଡଳ, ଶମ୍ଭୁନାଥ ମୈକାପ୍, ବୈଶାଖୀ ମାନ୍ନା, ମମତା ମୈକାପ୍, କାଞ୍ଚନବାଳା ମୈକାପ୍ ଓ ରାଜଶ୍ରୀ ମୈକାପ୍ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ରଜ ଉତ୍ସବକୁ ମନଭରି ଉପଭୋଗ କରିଥିଲେ। ଶେଷରେ କମିଟି ତରଫରୁ ସମସ୍ତଙ୍କୁ ପ୍ରସାଦ ସେବନରେ ଆପାୟିତ କରାଯାଇଥିଲା।

# ଦୋଳପଦୀ ରଜ ମହୋତ୍ସବ

ଭଦ୍ରକ, ୧୬/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ଐତିହ୍ୟ ଗ୍ରାମ ଦୋଳପଦୀରେ ୧୩ ତମ ରଜ ଉତ୍ସବ ପାଳିତ ହୋଇଛି । ସକାଳେ ମ୍ୟୁଜିକ ଚେୟାର, ଶଙ୍ଖପୁଙ୍ଖା, ହୁଳହୁଳି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ମହିଳା ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ସଭାକୁ ଅଶୋକ କୁମାର ଖୁଟିଂଆ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଜଗନ୍ନାଥ ପାତ୍ର ଓଡିଶାର ଗରିମାମୟ ଐତିହ୍ୟ ଓ ପରମ୍ପରାକୁ ସ୍ମରଣୀୟ କରିବାର ମାଧ୍ୟମ ରଜପର୍ବ ବୋଲି କହିଥିଲେ ।

# ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ସମ୍ବଲପୁର ପୌର ପରିଷଦର ଆହ୍ୱାନ

ସମ୍ବଲପୁର, ୧୬/୦୬ (ନି.ପ୍ର): ସମ୍ବଲପୁର ପୌର ପରିଷଦ ପକ୍ଷରୁ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଛି। ପୌର ପରିଷଦର ଜେନେରାଲ୍ କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୫ ଜୁନ ୨୦୨୬ ତାରିଖ ସକାଳ ୧୧ଟାରେ ପ୍ରାର୍ଥୀମାନଙ୍କର ପ୍ରତ୍ୟକ୍ଷ ସାକ୍ଷାତକାର (ଇଂଟରଭ୍ୟୁ) ଅନୁଷ୍ଠିତ ହେବ। ବିଜ୍ଞପ୍ତି ଅନୁଯାୟୀ, ଆବେଦନକାରୀଙ୍କୁ ଭାରତର ନାଗରିକ ହେବା ସହିତ ଶାରୀରିକ ଭାବେ ସୁସ୍ଥ ଓ କାର୍ଯ୍ୟକ୍ଷମ ହେବା ଆବଶ୍ୟକ। ପ୍ରାର୍ଥୀମାନେ ନିଜର ବୟସ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ସନଦ ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ସହିତ ୨୦ ଜୁନ ୨୦୨୬ ସୁଦ୍ଧା ସମ୍ବଲପୁର ପୌର ପରିଷଦର ଜେନେରାଲ୍ କାର୍ଯ୍ୟାଳୟରେ ଆବେଦନ ଦାଖଲ କରିବାକୁ ପଡ଼ିବ। ସଫେଇ କର୍ମଚାରୀଙ୍କ ଦାୟିତ୍ୱ ମଧ୍ୟରେ ଡ୍ରେନ୍ ସଫା, ରାସ୍ତା ଓ ସାର୍ବଜନିକ ସ୍ଥାନର ପରିଷ୍କାର-ପରିଚ୍ଛନ୍ନତା ଭଳି କାର୍ଯ୍ୟ ସାମିଲ ରହିବ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

**e-procurement Notice**

Bid Identyfication No e-Procurement No. 03/SERW/BLS-II/2026-27

Estimated Cost :- **As specified in column 3 of Annexure**
Cost of Tender Paper through online :- **As specified in column 6 of Annexure**
Class of Contrator :- **As specified in column 7 of Annexure**
Time of Completion :- **As specified in column 8 of Annexure**
Other Details:- :- **As per DTCN**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening the **Bid** | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Balasore | ETCN-03/SERW/ BLS-II/2026-27 | 18.06.2026 at 05.00 P.M. | 30.06.26 up to 5.00 P.M. | 29.06.26 up to 5.00 P.M. | 01.07.2026 at 11.00 A.M | Intimated will be latter |

Further details can be seen from the web site **www.tendersorissa.gov.in**

**OIPR: 25001/25052/1/26-27/0002**

**Superintending Engineer**
**R.W. Division-II, Balasore**

# ଅମର୍ଦ୍ଦାରୋଡ ଅଞ୍ଚଳରେ ଆନନ୍ଦ ଉଲ୍ଲାସରେ ରଜପର୍ବ ଉଦ୍‌ଯାପିତ



ବସ୍ତା, ୧୬/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ରଜପର୍ବ ଧୁମଧାମରେ ପାଳିତ ହେଉଛି।ବସ୍ତା ବ୍ଲକର ଅମର୍ଦ୍ଦାରୋଡ, ବସ୍ତା, ଦରଡ଼ା, ମୁକୁଳିସି, ରୂପସା ଓ ବିଭିନ୍ନ ଅଞ୍ଚଳରେ ଆନନ୍ଦ ଉଲ୍ଲାସରେ ପାଳିତ ହେଇଯାଇଛି। ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ଏସ ଏସ ରଜ କମିଟି ଆନୁକୁଲ୍ୟରେ ତିନି ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଯାପିତ ହୋଇଯାଇଛି। କ୍ଲବ ସଦସ୍ୟଙ୍କ ତାତ୍ୱାବଧନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।କ୍ଲବ ପକ୍ଷରୁ ସମୋବାର ସନ୍ଧ୍ୟାରେ ୮ ଘଟିକା ସମୟରେ ଏକ ପୁରସ୍କାର ବିତରଣୀ ସଭା ଅୟୋଜନ ହୋଇଥିଲା। କ୍ଲବ ସଭାପତି ରବୀନ୍ଦ୍ର ପରିଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚଳନା କରିଥିଲେ।ପୁରସ୍କାର ବିତରଣୀ ଉତ୍ସବରେ କ୍ଲବ ସଭାପତି ରବୀନ୍ଦ୍ର ପରିଡାଙ୍କ ସଭାପତି ତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ରଘୁନାଥ ମହାନ୍ତି,ମୁଖ୍ୟବକ୍ତା ଭାବେ ଡ:ଦିଲିପ କୁମାର ପାତ୍ର,ବିଶିଷ୍ଟ ଅତିଥି ଭାବେ ଗ୍ରାମ ମାଲିକ ଚିତ୍ତ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ମାଟି ଓ ଆକାଶର ପର୍ବ ରଜ। ମାଟି ଓ ମୌସୁମୀର ମିଳନ ପର୍ବ ରଜ।ଓଡ଼ିଆ ସଂସ୍କୃତିକ ଭାବଧାରାରେ ଓତଃପ୍ରୋତଃ ଭାବେ ଜଡ଼ିତ ରଜ ଏକ କୃଷିଭିତ୍ତିକ ମହାପର୍ବ।ଆଷାଢ଼ର ଏହା ହେଉଛି ଆଦ୍ୟ ପର୍ବ।କୃଷି ଓ କୃଷକ ଏବଂ ଭୂମିରୁ ଭାବନାତ୍ମକ ଜୀବନର ମୂଳଦୁଆ ପକାଇଥିବା ଏହି ପର୍ବଟି ଓଡ଼ିଶା ବାସୀଙ୍କ ପାଇଁ ଏକ ନିଆରା ଅନୁଭୂତି ଆଣିଥାଏ ବୋଲି କହିବା ସହିତ ଓଡ଼ିଶା ବାସୀଙ୍କ ପାଇଁ ରଜ ପର୍ବ ଏକ ନିଆରା ପର୍ବ ବୋଲି ମତବ୍ୟକ୍ତ କରିଥିଲେ।ଶେଷରେ ୨୦ ଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୫୮ ଜଣ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରି ଥିଲେ।ଏତତ ବ୍ୟତୀତ ୧ ଶହ ଜଣଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଖେଳର ବିବରଣୀ ଆଶିଷ କୁମାର ପରିଡ଼ା ପ୍ରଦାନ କରିଥିବା ବେଳେ କମିଟି ସଦସ୍ୟ ଆଶୁତୋଷ ମହାନ୍ତି, ଦିବ୍ୟ ନାରାୟଣ ଶୁର, ଦେବାଶିଷ ମହାନ୍ତି,ଉତ୍ତମ କୁମାର ଆଚାର୍ଯ୍ୟ, ଓମ ପ୍ରକାଶ ପାତ୍ର, ଶମ୍ଭୁନାଥ ପରିଡ଼ା, ଉତ୍ସବ ପରିଡା, ଶମ୍ଭୁନାଥ ମହାନ୍ତି, ଶିବ ଶଙ୍କର ଶୂର ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଗତ ୩ ଦିନ ଧରି ଚାଲି ଥିବା ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।ଉତ୍ସବ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡେନ୍ସ ଓଡ଼ିଶା ଡେନ୍ସ ଗ୍ରୁପ ଦ୍ୱାରା ସଙ୍ଗୀତ ନୃତ୍ୟରେ ଦର୍ଶକ ମନ ମୋହି ନେଇଥିଲେ। ସେହିପରି ବସନ୍ତପୁର ଗ୍ରାମ ରଜ କମିଟି ପକ୍ଷରୁ ୩ ଦିନ ବ୍ୟାପୀ ବସନ୍ତପୁର ପୋଖରୀ ଠାରେ ଧୁମଧାମରେ ଗଣ ରଜ ଉତ୍ସବ ପାଳିତ ହୋଇ ଯାଇଛି।କମିଟି ସଦସ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ କମିଟି ସଭାପତି ସତ୍ୟବ୍ରତ ସାହୁ(ଟୁନା) ପୌରହିତରେ ମୁଖ୍ୟ ଅତିଥି ଭାବେ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ଏସ ଆଇ ବିଜୟ କୁମାର ବାରିକ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓଷ୍ଟା ସମ୍ପାଦକ ଗୋପି ବଲ୍ଲଭ ଭୂୟାଁ,ବିଶିଷ୍ଟ ଅତିଥି ଭାବେ ଡ:ସୁଦୀପ୍ତ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ରାଜ କିଶୋର ମହାନ୍ତି,ରାମ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ମହୋତ୍ସବ ପୁରାତନ ସଂସ୍କୃତିକୁ ଉଦଜିବିତ କରିବା ସହିତ ସମ୍ପର୍କର ରଜକୁ ଦୃଢ଼ିଭୂତ କରିଥାଏ ଏବଂ ଲୋପ ପାଇଯାଉଥିବା ପରମ୍ପରାକୁ ପୁଣି ଥରେ ଋଦ୍ଧିମନ୍ତ କରାଇବା ମତବ୍ୟକ୍ତ କରିଥିଲେ। ପରପିଢ଼ିକୁ ଉତ୍ସାହିତ କରିବା ଦିଗରେ ଏହି ଗ୍ରାମର ମହିଳା ମାନଙ୍କ ଉପସ୍ଥିତି ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ଶେଷରେ ଖେଳ,ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର ବିଚାରକ ଭାବେ ତାପସ ବେହେରା ଓ ବନଜା ମହାନ୍ତି ଯୋଗଦେଇଥିଲେ। ୨୪ ଟି ପ୍ରତିଯୋଗିତା ଅଂଶ ଗ୍ରହଣ କରି ୫୩ ଜଣ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଭାଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କମିଟି ସଭାପତି ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଚାମେଲିଙ୍କ ମାମଲାରେ...

ଏହା କ୍ଷମତାର ଅପବ୍ୟବହାର ଓ ମାନବାଧିକାରର ତୀବ୍ର ଉଲ୍ଲଂଘନ। ଆୟୋଗ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରର ଉଲ୍ଲଙ୍ଘନ ଦର୍ଶାଇଛନ୍ତି। ଆଉ ୧୫ ଦିନ ମଧ୍ୟରେ କେନ୍ଦ୍ରାପଡ଼ା ପ୍ରଶାସନକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ନେତ୍ରୀ ଅର୍ଚ୍ଚନା ନାୟକ ଆଜି ଚାମେଲିଙ୍କୁ ହସ୍ପିଟାଲରେ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ଆଶ୍ୱସନା ଦେଇଛନ୍ତି। ପରେ ଗଣମାଧ୍ୟମକୁ ସୂଚନା ଦେଇ ପୁଲିସର ଭୂମିକାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଜଣେ ନିର୍ବାଚିତ ମହିଳା ସରପଂଚ ଓ ବିଡିଓଙ୍କ ମଧ୍ୟରେ ଆଲୋଚନାରେ ପୁଲିସ ହସ୍ତକ୍ଷେପ କରିବା ଉଚିତ୍ ନଥିଲା। ଜଣେ ଜନପ୍ରତିନିଧି ତଥା ମହିଳାଙ୍କ ପ୍ରତି ପୁଲିସର ଏଭଳି ବ୍ୟବହାର କଦାପି ଗ୍ରହଣୀୟ ନୁହେଁ। ସେ ଏହି ସମଗ୍ର ଘଟଣା ସମ୍ପର୍କରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ବୋଲି ଗଣମାଧ୍ୟମକୁ କହିବା ସହ ଯେଉଁମାନେ ଦୋଷୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଆଶ୍ୱସ୍ତ କରିଛନ୍ତି। ହସ୍ପିଟାଲରେ ପୁଲିସ ହେପାଜତରେ ଚିକିତ୍ସାଧୀନ ଚମେଲି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାସହିତ ଘଟଣାଦିନ ବିଡିଓଙ୍କ ଚାମ୍ବରରେ ଚାମେଲିଙ୍କ ସହ କ'ଣ ହୋଇଥିଲା ତା'ର ଭିଡିଓ ମଧ୍ୟ ସାର୍ବଜନୀନ ହୋଇଛି। ଚାମେଲି ଅଭିଯୋଗ କରିଛନ୍ତି ଯେ, ପୁଲିସ ପ୍ରକୃତ ଅଭିଯୁକ୍ତମାନଙ୍କୁ ଗିରଫ ନକରି ଅନ୍ୟଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଯାହାଙ୍କର ଘଟଣା ସହ ସାମାନ୍ୟ ସମ୍ପୃକ୍ତି ଥିଲା। ମୁଖ୍ୟ ଅଭିଯୁକ୍ତ ଥିବା ୯ଜଣଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ବିଡିଓଙ୍କ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଂଚ କରାଯାଉ ବୋଲି ଚାମେଲି ଦାବି କରିଛନ୍ତି।

### ବଦଳି ପାଇଁ ଉପବାଚସ୍ପତିଙ୍କ...

ଜାରି କରାଯାଇ ନଥିଲେ ମଧ୍ୟ ସେମାନେ ଉପବାଚସ୍ପତିଙ୍କ ଅଫିସିଆଲ୍ ଡି.ଓ. ପ୍ୟାଡର ଅପବ୍ୟବହାର କରିବା ସହ ତାଙ୍କର ଜାଲ୍ ଦସ୍ତଖତ କରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଦାଖଲ କରିଥିବା ଜଣାପଡ଼ିଛି। ଯାହାଫଳରେ ସେମାନଙ୍କର ବଦଳି ସହଜରେ ହୋଇପାରିବ। ବିଧାନସଭା ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ଏହି ଜାଲିଆତି ବିଷୟରେ ଅବଗତ ହେବାପରେ ଏନେଇବ ବିଧିବଦ୍ଧ ଭାବେ ଥାନାରେ ମାମଲା ରୁଜୁ ହୋଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶ' କ୍ୟାପିଟାଲ ଥାନା ଆଇଆଇସିଙ୍କୁ ଚିଠି ଲେଖି ଏଫଆଇଆର ରୁଜୁ କରିବା ପାଇଁ ଅନୁରୋଧ କରିଛନ୍ତି। ସେମାନଙ୍କର ଏହି କାର୍ଯ୍ୟକଳାପ ଏକ ସାଧାରଣ ଅପରାଧ ନୁହେଁ ବରଂ ସରକାରୀ ସେବା ନିୟମାବଳୀର ଉଲ୍ଲଂଘନ ଓ ଗୁରୁତର ଫୌଜଦାରୀ ମାମଲା ଅଟେ। ସରକାରୀ ପଦବୀରେ ଥାଇ ମଧ୍ୟ ଜାଲିଆତି କରିବା, ମିଥ୍ୟା ସରକାରୀ ଦସ୍ତାବିଜ ପ୍ରସ୍ତୁତି, ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଉଲ୍ଲଂଘନ କରିବା ଭଳି ସଂଗୀନ ଅପରାଧରେ ଉଭୟ ଇଞ୍ଜିନିୟର ଜଡ଼ିତ ଥିବା ଏଫଆଇଆରରେ ଦର୍ଶାଯାଇଛି। ତେଣୁ ସେମାନଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଓ ଆଇଟି ଆକ୍ଟ ଅନୁଯାୟୀ ଏଫଆଇଆର୍ ରୁଜୁ କରି ତୁରନ୍ତ କଠୋର ଆଇନଗତ ପଦକ୍ଷେପ ନେବାକୁ ପୁଲିସକୁ ଚଳତମାସ ୧୧ତାରିଖରେ ଚିଠି ଲେଖି ଅବଗତ କରାଯାଇଛି। କ୍ୟାପିଟାଲ ଥାନା ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଏହି ଦୁଇ ସରକାରୀ ଯନ୍ତ୍ରୀଙ୍କୁ ଗିରଫ କରିପାରେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଦୁଇ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।

### ମମତାଙ୍କ ପରେ...

ଉଦ୍ଧବ ଠାକରେଙ୍କ ଏହି ମନ୍ତବ୍ୟକୁ ଦଳ ଭିତରେ ବଢ଼ୁଥିବା ଅସନ୍ତୋଷ ଏବଂ ସମ୍ଭାବ୍ୟ ବିଦ୍ରୋହ ସହ ଯୋଡ଼ି ଦେଖାଯାଉଛି। ଫଳରେ ମହାରାଷ୍ଟ୍ର ରାଜନୀତିରେ ଆଗାମୀ ଦିନରେ କ'ଣ ଘଟିବ, ସେଥିପାଇଁ ସମସ୍ତଙ୍କ ନଜର ରହିଛି। ଗତ କିଛି ଦିନ ଧରି ମହାରାଷ୍ଟ୍ରର ରାଜନୀତିରେ 'ଅପରେସନ୍ ଟାଇଗର' ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଖବର ଅନୁସାରେ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା, ଉଦ୍ଧବ ଠାକରେ ଗୋଷ୍ଠୀର ସାଂସଦ ଏବଂ ବିଧାୟକମାନଙ୍କୁ ନିଜ ଶିବିରକୁ ଆଣିବା ପାଇଁ ପ୍ରୟାସ କରୁଥିବା ନେଇ ଚର୍ଚ୍ଚା ହେଉଛି। ଦାବି କରାଯାଉଛି ଯେ, ଏହି ପ୍ରସଙ୍ଗରେ ଉଭୟ ପକ୍ଷର ନେତାମାନଙ୍କ ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇରେ ଏକାଧିକ ପର୍ଯ୍ୟାୟର ଆଲୋଚନା ହୋଇଛି। ଏହି ବୈଠକଗୁଡ଼ିକରେ ରାଜନୈତିକ ସମୀକରଣ ଓ ଭବିଷ୍ୟତ ରଣନୀତି ନେଇ ଆଲୋଚନା ହୋଇଥିବା ନେଇ ସୂତ୍ରମାନେ ସୂଚନା ଦେଇଛନ୍ତି। ତେବେ, ଏହି ସମସ୍ତ ଚର୍ଚ୍ଚା ଓ ଅଟକଳ ମଧ୍ୟରେ ସିନ୍ଦେ ଶିବିର ଆଧିକାରିକ ଭାବେ କୌଣସି ପ୍ରକାରର ଦଳ ଭାଙ୍ଗିବା କିମ୍ବା ବିଧାୟକ-ସାଂସଦଙ୍କୁ ନିଜ ଦଳକୁ ଆଣିବା ଚେଷ୍ଟା କରୁଥିବା ଅଭିଯୋଗକୁ ଖଣ୍ଡନ କରିଛି। ସିନ୍ଦେ ଗୋଷ୍ଠୀର ନେତାମାନେ କହିଛନ୍ତି ଯେ, ସେମାନେ କୌଣସି ପ୍ରକାରର 'ତୋଡ଼ଫୋଡ଼ ରାଜନୀତି'ରେ ବିଶ୍ୱାସ କରନ୍ତି ନାହିଁ ଏବଂ ବିରୋଧୀ ଶିବିରର ନେତାମାନଙ୍କୁ ଭାଙ୍ଗି ଆଣିବା ପାଇଁ କୌଣସି ଅଭିଯାନ ଚଳାଉ ନାହାନ୍ତି।

### ଔଷଧକୁ ନେଇ ସରକାରଙ୍କ...

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଖରାପ ଗୁଣବତ୍ତାର କଫ୍ ସିରପ୍ ପିଇବା ଯୋଗୁଁ କିଛି ଶିଶୁଙ୍କ ମୃତ୍ୟୁ ଘଟିବାର ମାତ୍ର କେଇ ମାସ ପରେ ସରକାରଙ୍କ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଦୁଃଖଦ ଘଟଣା ସାଧାରଣରେ ବ୍ୟବହାର ହେଉଥିବା ତରଳ ଔଷଧର ସୁରକ୍ଷା ଓ ନିୟନ୍ତ୍ରଣକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏହାପରେ ସିରପ୍ ପ୍ରସ୍ତୁତି ଏବଂ ବିକ୍ରି ଉପରେ କଡ଼ା ନଜର ରଖିବା ପାଇଁ ଦାବି ଜୋର୍ ଧରିଥିଲା।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବସ୍ତା, ୧୬/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୯୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୫ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ବିଡିଓ, ବସ୍ତା ଶ୍ରୀଯୁକ୍ତ ମିହିର ରଞ୍ଜନ ବେହେରା, ତହସିଲଦାର, ବସ୍ତା ଶ୍ରୀଯୁକ୍ତ ସୁଶାନ୍ତ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଭୂମିଜ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯିବାକୁ ଦାବି

ବୈଶିଙ୍ଗା , ୧୬/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦା ପଞ୍ଚାୟତ ଅଧିନ ବୈଦିପୁର ଗ୍ରାମର ଉଦୀୟମାନ ଯୁବକ ତଥା ଭାରତୀୟ ଆଦିବାସୀ ଭୂମିଜ ସମାଜ ର ପୂର୍ବତନ କେନ୍ଦ୍ରୀୟ ସଭାପତି ପାଇକ ସିଂ ଙ୍କ ନେତୃତ୍ୱରେ ରାଜ୍ୟ କମିଟୀ ର କର୍ମକର୍ତ୍ତା ଙ୍କ ସହଯୋଗରେ ଭୂମିଜ ଭାଷାକୁ ଅଷ୍ଟମ ଅନୁଛେଦରେ ସାମିଲ କରିବା ପାଇଁ ଏକ ସ୍ମାରକପତ୍ର ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୁଚିତ ଜନଜାତି ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ଡେପୁଟି ଡାଇରେକଟର୍ ସନ୍ତୋଷ ରଥଙ୍କୁ ଆଜି ୧୬ ତାରିଖରେ ପ୍ରଦାନ କରିଥିବାର ଜଣାଯାଇଛି । ଏହି ଦାବୀରେ ଭୂମିଜ ଜାତିର ଭାଷା, ଲିପି , ବର୍ଣ୍ଣବୋଧ, ସଂଖ୍ୟା , ବାର, ମାସ, ତିଥିର ପରିଭାଷା, ବ୍ୟାକରଣ ଆଦି ର ସ୍ୱତନ୍ତ୍ରତା ଥାଇ ମଧ୍ୟ ଏହାକୁ ମାନ୍ୟତା ନ ଦେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଉଲ୍ଲେଖ କରାଯାଇଛି, ଏହା ଦ୍ୱାରା ଭୂମିଜ ଭାଷାର ସଂସ୍କୃତି, ବିଧି ,ରୀତିନୀତି ସୁରକ୍ଷିତ ରହିପାରିବ । ଏହି ଦଳରେ ଭାରତୀୟ ଆଦିବାସୀ ଭୂମିଜ ସମାଜର ସମ୍ପାଦକ ହେମେନ୍ଦ୍ର ସିଂ, ସଭାପତି ଗହ୍ନା ସିଂ, ଉପସଭାପତି ନୀଳକଣ୍ଠ ସିଂ, ସାଂସ୍କୃତିକ ଉପଦେଷ୍ଟା ତାଲାଲାଙ୍ଗ ମାହାଲ , ରାଜ୍ୟ ସମ୍ପାଦକ ମଙ୍ଗୁ ସିଂ , କେନ୍ଦ୍ରୀୟ ସାଂସ୍କୃତିକ ସମ୍ପାଦକ ସୁଜାତା ସିଂ , ପ୍ରମୁଖ ଉପସ୍ଥିତ ରହିଥିଲେ । ବାରମ୍ବାର ରାଜ୍ୟ ସରକାର ଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ପରିତାପର ବିଷୟ। ଯଦି ଆଜିର ଏହି ଆବେଦନକୁ ସରକାର ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନ କରାଯାଇପାରେ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି ।

# ବନମାଳୀ ଦାଶ ଉଚ୍ଚ ବିଦ୍ୟାଳୟରେ ୧୯୯୫ ମସିହା ମାଟ୍ରିକ ବନ୍ଧୁ ମିଳନ



ବାସୁଦେବପୁର, ୧୬/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅରଣ୍ଡୁଆ ପଞ୍ଚାୟତରେ ବନମାଳୀ ଦାଶ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ୧୯୯୫ ମସିହା ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ସୁଦର୍ଶନ ଅଗସ୍ତି, ଅମର ନାଥ ଦାସ, ଶରତ ଚନ୍ଦ୍ର ପାଣିଗ୍ରାହୀ, ପୀତାମ୍ବର ତ୍ରିପାଠୀ, ପୁରୁଷୋତ୍ତମ ସାହୁ, ଗୌର ହରି ବାରିକ୍,ଜଗବନ୍ଧୁ ପଣ୍ଡା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଅବସର ପ୍ରାପ୍ତ ଶିକ୍ଷକ ବନ୍ଧୁ ମାନଙ୍କୁ ମାନପତ୍ର ଓ ଉପଢ୍ୌକନ ତଥା ବିଭିନ୍ନ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁ ମିଳନ ଉତ୍ସବରେ ପୁରାତନ ଛାତ୍ର ଭବାନୀ ଶଙ୍କର ତ୍ରିପାଠୀ, ଅନିରୁଦ୍ଧ ପଣ୍ଡା, ସଂଯୁକ୍ତା ସାମଲ, ବ୍ରହ୍ମା ନନ୍ଦ ନାୟକ, ଅରୁଣ ବେହେରା, ବନମାଳୀ ଜେନା, ନିନୁ ପ୍ରଭା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଗୁରୁ ଶିଷ୍ୟର ପରମ୍ପରା ସଂପର୍କରେ ମଧ୍ୟ ଏହି ଉତ୍ସବରେ ଆଲୋଚନା କରା ଯାଇଥିଲା। ଅତୀତର କଥା ଓ ପାଠ ପଢା ସମୟର ଅନୁଭୂତିକୁ ପୁରାତନ ଛାତ୍ର ଛାତ୍ରୀ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ଏହି ସୁନ୍ଦର ଓ ଆକର୍ଷଣୀୟ ଉତ୍ସବରେ ସମସ୍ତେ ପରସ୍ପରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଏବଂ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ। ଶେଷରେ ଭବାନୀ ଶଙ୍କର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମୁବାବାଙ୍କ ସ୍ମୃତି ଦିବସ ପାଳିତ

ସମ୍ବଲପୁର , ୧୬/୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ କେନାଡିପା ସ୍ଥିତ ସାଏରଜା ବାବାମଠ ପରିସରରେ ମଙ୍ଗଳବାର ଦିନ ଧର୍ମୁ ବାବାଙ୍କ ସ୍ମୃତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଧର୍ମୁ ବାବା ଗତ ମେ ମାସ ୨୭ ତାରିଖ ଦିନ ଇହଧାମ ତ୍ୟାଗ କରିଥିଲେ। ଏହି ଅବସରରେ କେନାଡିପା ପଂଚାୟତର ସମସ୍ତ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ବାବା ୧୯୯୧ ମସିହାରୁ ଦୀର୍ଘ ୩୫ ବର୍ଷ ଧରି କେନାଡିପା ବାବା ମଠର ରକ୍ଷଣାବେକ୍ଷଣା ଦାୟିତ୍ୱ ନେଇ ଆସୁଥିଲେ। ସେ ଏହି ଅଂଚଳରୁ ଭିକ୍ଷାମାଗି ବହୁ ଚର୍ଚ୍ଚିତ ଧ୍ୱନୀ ମନ୍ଦିର ନିର୍ମାଣ କରିଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ରୂପସା , ୧୬/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ,ବରିଷ୍ଠ ମୁନି ଜଗଦୀଶ ପରିଡ଼ା -ମୁନିମତୀ ସୁଷମା ପରିଡ଼ାଙ୍କ ନାତୁଣୀ ତଥା ମୁନି ଉମା ଶଙ୍କର ପରିଡା-ମୁନିମତୀ ବେବୀରାଣୀ ପରିଡ଼ାଙ୍କ ସୁ କନ୍ୟା ବିଦ୍‌ଯାଶୀ ତନୟା ପରିଡ଼ାଙ୍କ ତୃତୀୟ ଶୁଭ ଜନ୍ମଦିନ,ମୁନି ସମାଜର ପ୍ରାନ୍ତୀୟ ସହ ସମ୍ପାଦକ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ଭୂୟାଁ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ୍ କରିଥିଲେ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ଅଧକ୍ଷ,ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ।ମୁଖ୍ୟ ଅତିଥୀ ହିସାବରେ ଯୋଗଦାନ୍ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ୍ କରିଥିଲେ, ଆତ୍ମଜ୍ଞାନୀ,ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା। ମଞ୍ଚାସୀନ ଥିଲେ, ଆଶ୍ରମର ସଭାପତି ମୁନି ରାଜ ନାରାୟଣ ମହାପାତ୍ର ମହୋଦୟ, ଆଶ୍ରମର ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା, ସେ ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ।ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା, ମୁନିମତୀ ଯମୁନା ପାତ୍ର ମଧ୍ୟ ମୁନି ସଙ୍ଗୀତ ଗାନ କରିଥିଲେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ, କରାଯାଇ ,ଆୟୁଷ୍ମତୀ କୁମାରୀ ବିଦ୍‌ଯାଶୀ ତନୟାଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା।ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା କନକଲତା ମହାପାତ୍ର, ମୁନି ମତୀ କାଞ୍ଚନ ସାହୁ, ଜାହ୍ନବୀ ଗିରି,ଆରତୀ ଗିରି,ବାସନ୍ତୀ ପରିଡ଼ା, ନୀନ ସାହୁ,ମେଘମାଳା ଜେନା,ପାର୍ବତୀ ସେଠି,ଜୟନ୍ତୀ ଗିରି, ମୁନିମତୀ ସରସ୍ୱତୀ ନନ୍ଦ,ଉର୍ମିଳା ପଣ୍ଡା,ଯମୁନା ବର,ପ୍ରଭାସିନୀ ବର,ଭାରତୀ ବର,ଆରତୀ ମଣ୍ଡଳ,ଜାନକୀ ଦଳାଇ,ସୁମତୀ ବେହେରା, ବାସନ୍ତୀ ଗିରି,ମୁନି କୁମାରୀ ମିନତୀ ଦଳାଇ,ରିତିକା ଦଳାଇ ଏବଂ ମୁନି ରାଜ ଗୁଉରହରି ବାରିକ, ମୁନି ସତ୍ୟ ସେନାପତି, ଭଗବାନ ଜେନା,ବିଜୟ ଗୋଛାୟତ,ଭୋଳା ଶଙ୍କର ପରିଡା,ଯୋଗେନ୍ଦ୍ର ବେହେରା ଏବଂ ମୁନି କୁମାର ଶ୍ରୀଅନ୍ସ ନାୟକ ପ୍ରମୁଖ ବହୁ ମୁନି ମୁନିମତୀ ମାନେ।ଶେଷରେ ଆଶ୍ରମର ପୂର୍ବତନ କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ପରେ,ଜେଜେ ମୁନି ଜଗଦୀଶ ପରିଡ଼ା ସମସ୍ତଙ୍କୁ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଆରୁହା ରାଧାକୃଷ୍ଣ କ୍ଲବ ଆନୁକୂଳରେ ରଜ ଉତ୍ସବ ପାଳନ ସହିତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ଜଳେଶ୍ୱର , ୧୬/୬ (ନି.ପ୍ର): ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ।ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ।କିନ୍ତୁ ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ,ତଥାପି ରଜପର୍ବ ପାଇଁ ଉତ୍ସାହ କମିନାହିଁ। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଆରୁହା ଗ୍ରାମର ରାଧାକୃଷ୍ଣ କ୍ଲବ ଆନୁକୂଳରେ ଦୁଇ ଦିନ ଧରି ରଜ ଉତ୍ସବ ପାଳନ ହୋଇଯାଇଛି। ପ୍ରଥମ ଦିନ ୧୪ ତାରିଖ ଶନିବାର ସକାଳ ୭ ଘଟିକା ଠାରୁ ୧୦ ଘଟିକା ମଧ୍ୟରେ କୁନି କୁନି ପିଲା ମାନଙ୍କୁ ନେଇ ମିଉଜିକ ଚେୟାର,ଶଙ୍ଖ ଫୁଙ୍କା,ପୁଚି ଖେଳ ଠୁ ଆରମ୍ଭ କରି ବେଙ୍ଗ ଡିଆଁ ଦୌଡ଼ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ସନ୍ଧ୍ୟାରେ ଗ୍ରାମର କୁନି କୁନି ପିଲାମାନଙ୍କର ରଜ ଦୋଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଶେଷରେ କୁନି କୁନି ପିଲା ମାନଙ୍କର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।୧୫ ତାରିଖ ରବିବାର ସନ୍ଧ୍ୟାରେ ବିଭିନ୍ନ ବିଭାଗର ଭାଗ ନେଇଥିବା କୁନି କୁନି ପ୍ରତିଯୋଗୀ ମାନକୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ କ୍ଲବ ଦ୍ୱାରା ଟ୍ରଫି ସହ ସମ୍ମାନ ପତ୍ର ପ୍ରଦାନ କରାଯାଇ ଥିଲା। ସେହିପରି ସୁଦେବି ପତି ଏବଂ ତାଙ୍କ ସ୍ୱାମୀ ସୂର୍ଜେନ୍ଦୁ ପତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା କରାଯାଇ ଥିଲା। ପରେ ପରେ ନାମ୍ପୋ ବଜରଙ୍ଗୀ ଡେନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କ୍ଲବର ସଭାପତି ଶୁସାନ୍ତ ବେହେରାଙ୍କ ଅଧକ୍ଷତାରେ ସାମ୍ବାଦିକ ମନୋଜ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ।କ୍ଲବର ସମ୍ପାଦକ ସତ୍ୟନାରାୟଣ ଯେନା, ଲକ୍ଷ୍ମୀକାନ୍ତ ବେହେରା, ବିଶ୍ୱପ୍ରତାପ ସାମଲ, ଦିବ୍ୟଲୋଚନ ବେହେରା,ଶ୍ରୀନିବାସ ବେହେରା,ହେମନ୍ତ ବେହେରା, ଦିଗବିଜୟ ସାମଲ ଉପସ୍ଥିତ ଥିଲେ।

# ରଜ ପର୍ବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା, ୧୬/୬ (ନି.ପ୍ର): ସ୍ଥାନୀୟ ପୋଲିସ ପଡିଆରେ ମା' କିଚକେଶ୍ୱରୀ ଏକାଡେମୀ ତରଫରୁ ରଜ ପର୍ବ ଉପଲକ୍ଷେ କୁନିକୁନି ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ରଜ ପର୍ବ ବିଷୟରେ କୁଇଜ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ଅମ୍ବିକା, ହିରଣ୍ମୟ, ଲଳିତ୍, ଅଙ୍କିତ୍, ବିଦ୍ୟାଶା, ଦେବରାଜ୍, ବିଦ୍ୟାଭାରତୀ, ନିଶାନ୍ତ, ଶୀବାନି, ହିମାଲବର୍ୀ, ସ୍ନେହାଶିଷ, ସାଇ ସୁଭମ, କୌଶିକ, ସାନ୍ନଭି, ଭାଗ୍ୟଶ୍ରୀ, ଋଷି, ମାମିନା, ପ୍ରତ୍ୟୁଶା, କ୍ରିଷ୍ଣା, ଅଙ୍କିତା, କବିତା, ସାଇ ସିଦ୍ଧାର୍ଥ, ଦିବ୍ୟାଂଶୁ ଏବଂ ପ୍ରିୟଙ୍କା ଭାଗ ନେଇଥିଲେ ଓ ଏହି ଉତ୍ସବର ସମସ୍ତ ପିଲାମାନେ ପୁରସ୍କୃତ ହୋଇଥିଲେ ଓ ମୟୂରଭଞ୍ଜ ଏଥଲେଟିକ୍ ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, କ୍ରୀଡ଼ାବିତ ଭାନୁ ପ୍ରତାପ ଭଞ୍ଜଦେଓ ଏବଂ ଏନ୍.ଆଇ.ଏସ୍ କୋଚ୍ ମନୋରଞ୍ଜନ ଜୀଉ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଦିବ୍ୟଜ୍ୟୋତି ଜୀଉ, ହିମାନୀ ପାତ୍ର, ଓମ୍ ପ୍ରକାଶ , ଶୁଭ୍ରାଂଶୁ, ମେଘା ଏବଂ ଶାନ୍ତି ଲତା ରାଜ୍ କାର୍ଯ୍ୟକ୍ରମ ପରେ ସବୁ ପିଲା ପି.ଆର୍.ଏମ୍ ପ୍ଲାନେଟୋରିୟମ୍ , ତକତପୁର ଦେଖିବାକୁ ଯାଇଥିଲେ ଏବଂ ସେଠାରେ ମହାକାଶ ଗବେଷଣା ସଂପର୍କରେ ଅବଗତ ହୋଇଥିଲେ ।

# ଉପଜିଲ୍ଲାପାଳ ଓ ଆରକ୍ଷୀ ଅଧକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର




ବସ୍ତା , ୧୬/୬ (ନି.ପ୍ର): ବସ୍ତା ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଏସପି ପ୍ରତ୍ୟୁଷ ଦିବାକର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପାରିଷଦ ବାଲେଶ୍ୱର ବିଶ୍ୱରଂଜନ ନାୟକ, ଏ ଡି ଏମ ଓ ହେମନ୍ତ ସିଂ, ସି ଡି ଏମ ଓ, ବସ୍ତା ଏସ ଡି ପି ଓ ସମର୍ଥ ବେହେରା, ତହସିଲଦାର ସୁଶାନ୍ତ ପଟ୍ଟନାୟକ ବିଡିଓ ମିହିର ରଞ୍ଜନ ବେହେରା, ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ସମାଧାନର ପ୍ରତିଶୃତି ଦେଇ ଥିଲେ। ଏହି ଶିବିରରେ ମୋଟ ୧୦୦ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିର କୁ ବିକଳାଙ୍ଗ ସାର୍ଟିଫିକେଟ, ରାସ୍ତା, ଧାନ ମଣ୍ଡି, ବାର୍ଦ୍ଧକ୍ୟ ଭତା,ପାଣି ସମଷ୍ୟା ଉପରେ ଅଭିଯୋଗ ଆସିଥିଲା। ଉପ ଜିଲ୍ଲାପାଳ ସମସ୍ତ ଅଭିଯୋଗ ର ସତ୍ ପ୍ରତିଶତ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେବେ ଆଜିର ଜନଶୁଣାଣୀରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅଭିଯୋଗ କାରିବାକୁ ଆସି ବହୁତ ଲୋକ ଫେରିଯାଇ ଥିଲେ।

## ନିଟ୍ ୟୁଜି ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବ ପରିବହନ ବିଭାଗ

ଭୁବନେଶ୍ୱର ଭୁବନେଶ୍ୱର, ୧୬/୬ (ନି.ପ୍ର): ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ୟୁଜି ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବା ପାଇଁ ପରିବହନ ବିଭାଗ ନିଷ୍ପତି ନେଇଛି। ପରୀକ୍ଷାର୍ଥୀମାନେ ନିଜ ଆଡମିଟ୍ କାର୍ଡ ଦେଖାଇ ଏହି ସୁବିଧା ପାଇ ପାରିବେ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ବେହେରା ସୂଚନା ଦେଇଛନ୍ତି। ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଲେଖିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତି କ୍ରମେ ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ - ୟୁଜି ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ପରୀକ୍ଷାର୍ଥୀଙ୍କ ସୁବିଧାକୁ ପ୍ରାଥମିକତା ଦେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଏସଆରଟିସି ଓ କ୍ଷୁଟ୍'ର ମିଳିତ ସହଯୋଗରେ ନିଃଶୁଳ୍କ ବସ୍ ସେବାର ବ୍ୟବସ୍ଥା କରାଯାଇଛି।

# ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୧୬/୬ (ନି.ପ୍ର): ଆସନ୍ତା ୨୧ ଜୁନ ୨୦୨୬ ତାରିଖ ସକାଳ ୭.୦୦ ଘଟିକାରେ ପାଳନ କରାଯିବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଆଜି ସନ୍ଧ୍ୟା ୬.୦୦ ଘଟିକାରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ଦପ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ଅଧକ୍ଷତା କରିଥିଲେ। ବୈଠକରେ ଜିଲ୍ଲା କ୍ରୀଡ଼ା ବିଭାଗର ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଶ୍ରୀମତୀ ମନସ୍ୱିନୀ ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ନାଏକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଯେ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଜଣ ଅଂଶଗ୍ରହଣକାରୀ ଯୋଗଦେବେ। ସେମାନଙ୍କ ପାଇଁ ସୁବ୍ୟବସ୍ଥିତ ବସିବା, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଉପଲବ୍ଧ କରାଯିବ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ନିଜର ନାମ ପଞ୍ଜୀକରଣ ସମୟରେ ଗଞ୍ଜି ଦିଆଯିବ । କାର୍ଯ୍ୟକ୍ରମ ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ବ୍ରେକ ଫାଷ୍ଟ ପ୍ରଦାନ କରାଯିବ । ଅଧକ୍ଷ ଶ୍ରୀ ଖୁଣ୍ଟିଆ ଯୋଗ ଦିବସର ସଫଳ ଆୟୋଜନ ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ସମନ୍ୱିତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଯୋଗ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଗଠନର ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଭଦ୍ରକରେ 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର



ଭଦ୍ରକ, ୧୬/୬ (ନି.ପ୍ର): ଭଦ୍ରକ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଆଜି "ବିକାଶର ଧାରା, ଓଡ଼ିଶା ସାରା" ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି [illegible] ବିଭାଗର ଅଧିକାରୀମାନେ ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପ୍ରକଳ୍ପର ସଫଳତା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟ ଘର, ଭିତ୍ତିଭୂମି ବିକାଶ ଓ ରୋଜଗାର ସୃଷ୍ଟି କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା। ଡବଲ ଇଞ୍ଜିନ ସରକାରଙ୍କ ସମନ୍ୱିତ ପ୍ରୟାସ ଫଳରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଲକ୍ଷପତି ଦିଦି ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

# ରାଧାକୃଷ୍ଣଙ୍କ ଚତୁର୍ଥ ବାର୍ଷିକ ଉତ୍ସବ



ଭଦ୍ରକ, ୧୬/୬ (ନି.ପ୍ର): ଭଦ୍ରକ ବ୍ଲକ କୋଦଣ୍ଡପୁର ଗ୍ରାମର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣଙ୍କ ୪ର୍ଥ ବାର୍ଷିକ ଉତ୍ସବ ଗତକାଲି ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମହାଯଜ୍ଞ ହୋଇଥିଲା । ବିଶ୍ୱନାଥ ପୁହାଣ ଓ ଲଳିତା ମଞ୍ଜରୀ ପୁହାଣ କର୍ତ୍ତା ଭାବେ ପୁରୋଧା ଥିଲେ । ଗ୍ରାମର ବହୁ ଶ୍ରଦ୍ଧାଳୁ ଭକ୍ତ, ବିଭୁପ୍ରେମୀ ମା ଓ ଭଉଣୀମାନେ କଳସ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ । ଏହି ଉତ୍ସବ କୁ ପାଳନ କରିବା ପାଇଁ ମନ୍ଦିର ନିର୍ମାଣ କରିବାର ମୁଖ୍ୟ ପୁରୋଧା ତଥା ମନ୍ଦିର ସମିତିର ଉପଦେଷ୍ଟା ଗୟାଧର ପୁହାଣ, ବିଶ୍ୱନାଥ ପୁହାଣ, ସଭାପତି ସୁରେଶ ଚନ୍ଦ୍ର ପୁହାଣ, ସମ୍ପାଦକ ସୁଧାଂଶୁ ଶେଖର ନାୟକ, ସହ ସମ୍ପାଦକ ଶ୍ରୀଧର ସାହୁ ପ୍ରମୁଖ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ । ସମିତିର ସଦସ୍ୟ ନରେଶ ପୁହାଣ, ଜାନକୀ ବଲ୍ଲଭ ମହାପାତ୍ର, ରାମଚନ୍ଦ୍ର ନାୟକଙ୍କ ଉଦ୍ୟମରେ ମହାଯଜ୍ଞର ପୂର୍ଣ୍ଣାହୁତି ସମାପନ ହୋଇଥିଲା ।

## ୫ ଦିନ ଧରି ନିଖୋଜ ପୁଅ ପାଇଁ ବାପା ଥାନାର ଦ୍ୱାରସ୍ଥ

ବୈଶିଙ୍ଗା , ୧୬/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ସଇତପୁର ଗ୍ରାମର ବୁଧିଆ ବିନ୍ଧାଣୀ ଙ୍କ ୨୧ ବର୍ଷିୟ ପୁଅ ଉମ୍ବରୁଧର (ରାଜୁ ) ୫ ଦିନ ଧରି କୁଆଡେ ନିଖୋଜ ହୋଇଯାଇଛି ତାହା ଜଣାନାହିଁ ବୋଲି ଉଲ୍ଲେଖ କରାଯାଇଛି । ରାଜୁର ବର୍ଣ୍ଣ ଶ୍ୟାମଳ, ସାଢ଼େ ପାଞ୍ଚ ଫୁଟ ଉଚ୍ଚତା ଏବଂ ୧୩ ତାରିଖ ଦିନ ଘରୁ ଯିବା ବେଳେ କଳା ରଙ୍ଗର ପ୍ୟାଣ୍ଟ ଓ ଧଳା ରଙ୍ଗର ବେନିୟନ ପିନ୍ଧିଥିବାର ଉଲ୍ଲେଖ କରାଯାଇଛି । ସେହି ଦିନ ଠାରୁ ସାଙ୍ଗ ଏବଂ ବନ୍ଧୁ ବାନ୍ଧବଙ୍କ ଘରେ ଖୋଜା ଖୋଜି କରାଯାଇଥିଲେ ମଧ କୌଣସି ସନ୍ଧାନ ମିଳି ପାରିନାହିଁ । ଯିବା ବେଳେ ରାଜୁ ପାଖରେ ଏକ ସ୍ମାର୍ଟ ଫୋନ ଯାହାର ନଂ. ୭୭୩୫୩ ୭୫୦ ୫୩ ବୋଲି ରାଜୁର ବାପା ବୁଧୁଆ ବିନ୍ଧାଣୀ ଏତଲା ରେ ଜଣାଇଛନ୍ତି ।

# ସୁନ୍ଦରପୁର ରଜମହୋତ୍ସବର ୩ୟ ସଂଧ୍ୟା: ଗାୟିକା ଜାଗୃତି ମିଶ୍ରଙ୍କ ସଙ୍ଗୀତରେ ଦର୍ଶକ ବିମୋହିତ



ଖଇରା, ୧୬/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚାଲିଥିବା ରଜ ମହୋତ୍ସବର ସୋମବାର ଥିଲା ୩ୟ ସଂଧ୍ୟା । ରାଜରାଣୀ ପ୍ରତିଯୋଗୀଙ୍କ ନୃତ୍ୟଗୀତ ସାଙ୍ଗକୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଜାଗୃତି ମିଶ୍ରଙ୍କ ମନଛୁଆଁ ସଙ୍ଗୀତ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିଥିଲା। ଅପରାହ୍ନରେ ରଜରାଣୀ ପ୍ରତିଯୋଗୀତାର ଅଡିଶନ ରାଉଣ୍ଡରେ ସଫଳତା ପାଇଥିବା ପ୍ରତିଯୋଗୀ ମାନେ ଗାଲା ରାଉଣ୍ଡରେ ଅଂଶ ଗ୍ରହଣ କରିଥିଲେ । ଶଶିକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ପରେ ବରିଷ୍ଠ ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭାରତୀୟ ନୌସେନାରେ କାର୍ଯ୍ୟରତ ଯନ୍ତ୍ରୀ ମଳୟ କୁମାର ଆଇଚ,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ନୟାଖଣ୍ଡି ସରପଞ୍ଚ ମମତାରାଣି ବେହେରା, କଇଥଗଡିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, ସମିତିସଭ୍ୟ ନରୋତ୍ତମ ମହିମା ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ଓ ହରିହର ଜେନା, କମିଟିର ବରିଷ୍ଠ ସଭ୍ୟ ଗଦାଧର ଜେନା,କୋଷାଧକ୍ଷ ସିଦ୍ଧାର୍ଥ ରଞ୍ଜନ ମହାପାତ୍ର, ଉପସଭାପତି ଜୀବନ କୁମାର ପାଣି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜେଶ କୁମାର ପଣ୍ଡା ବେଦପାଠ,ପ୍ରହଲ୍ଲାଦ ରାୟ ମଞ୍ଚ ଆବାହନ ଓ ସଞ୍ଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁହୁଳୁଛି ଉଦଳା : ଦାନା ବାନ୍ଧୁଛି ଏକ ବଡ଼ ଧରଣର ଆନ୍ଦୋଳନ



ଉଦଳା, ୧୬/୬ (ନି.ପ୍ର): ଖୁବ୍ ନିକଟରେ ଉଦଳାରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ବେଶ ଅନୁକୁଳ ବାତାବରଣ ତିଆରି ହୋଇ ଯାଇଛି । ଏଥିପାଇଁ ଜନଅସନ୍ତୋଷ ଦିର୍ଘଦିନ ହେବ କୁହୁଳିବାରେ ଲାଗିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଉଦଳା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଜଇଦା ଠାରେ ଏକ ବ୍ୟାରେଜ କାମ ହେବ ବୋଲି ଶୁଭ ମରାଯାଇଛି । ଏହି ବ୍ୟାରେଜ ନିର୍ମାଣ ସରିଲେ ବ୍ୟାପକ ଅଂଚଳର ଚାଷ ଜମିକୁ ପାଣି ମାଡ଼ିବ । ଫଳରେ ବହୁ ଚାଷୀ ଉପକୃତ ହେବା ସଙ୍ଗେ ସଙ୍ଗେ ଏହା ଏକ ଦର୍ଶନୀୟ ସ୍ଥାନ ପାଲଟିଯିବ । ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ ଏଠାରୁ ଦୁଇ ପଇସା ରୋଜଗାର କରିବାର ବାଟ ଫିଟିବ ବୋଲି କୁହାଯାଉଛି । କିନ୍ତୁ ଦିର୍ଘବର୍ଷ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ ଏହି ବ୍ୟାରେଜ କାମ ସରିବାତ ଦୂରର କଥା ଆରମ୍ଭ ମଧ ହେଲା ନାହିଁ । କେବଳ ନିର୍ବାଚନ ପହଂଚିଲେ ସ୍ଥାନୀୟ ନେତା ଏଥର ବ୍ୟାରେଜ କାମ ଆରମ୍ଭ ହେବ ବୋଲି ପ୍ରତିଶୃତି ଦେଇଥାନ୍ତି । ସେହିପରି ଉଦଳାରେ ଏକ ସେଂଟ୍ରାଲ ସ୍କୁଲ ହେବ ବୋଲି ଦିର୍ଘବର୍ଷ ତଳୁ ଶୁଣିବାକୁ ମିଳୁଛି । କିନ୍ତୁ ଏପର୍ଯ୍ୟନ୍ତ ଏହା ମଧ ହୋଇପାରି ନାହିଁ । କେବଳ ନିର୍ବାଚନ ପହଂଚିଲେ ଚଳିତ ବର୍ଷ ଏହା କାର୍ଯ୍ୟକ୍ଷମ ହେବ ବୋଲି ନେତା ମାନେ ଢୋଲ ପିଟନ୍ତି । ସେହିପରି ଉଦଳା ଉଚ୍ଚ ବିଦ୍ୟାଳୟ ସମଗ୍ର କପ୍ତିପଦା ଉପଖଣ୍ଡର ଏକମାତ୍ର ବିଦ୍ୟାଳୟ ଯେଉଁଠାରେ ଏନ୍ ?.ସି.ସି. ୟୁନିଟ ଥିଲା । ନିକଟରେ ଏହା ମଧ ଏଠାରୁ ଉଠିଗଲା । ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା କଥା କହିଲେ ନସରେ । ଏବେ ମଧ ବହୁ ଗରିବ ଲୋକ ଅଛନ୍ତି ଯେଉଁ ମାନଙ୍କ ପାଖରେ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପହଂଚିପାରି ନାହିଁ । ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ବହୁ ହିତାଧିକାରୀ ପାଇବାରୁ ବଂଚିତ ଅଛନ୍ତି । ସେହିପରି ଅଧାରୁ ପାଠପଢ଼ା ଛାଡୁଥିବା ଓ ଆଦୌ ବିଦ୍ୟାଳୟର ମାଟି ମାଡ଼ି ନଥିବା ପିଲାଙ୍କ ସଂଖ୍ୟା ମଧ କିଛି କମ୍ ନୁହେଁ । ଏହିସବୁ ପିଲାଙ୍କ ଭବିଷ୍ୟତ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ଏକଥା ଆଜି ଆଉ କାହାକୁ ଅଛପା ନାହିଁ । ଉଦଳାକୁ ଦିନେ ଏଭଳି ଏକ ଦୁର୍ଦ୍ଦିନ ଆସିବ ଏକଥା ଆମେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲୁ ବୋଲି ଅନେକ ମତ ଦେଇଛନ୍ତି । ଏ ସମସ୍ତ କଥାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଖେଳିଯିବା ସହିତ ଏକ ବଡ଼ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ଖବର ଆମର ହସ୍ତଗତ ହୋଇଛି । ଏହି ଆନ୍ଦୋଳନଟି ଉଦଳା ରାଜନୀତିକୁ ବହୁଳ ଭାବରେ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି । ସେହିପରି ରାଜକୋଷରୁ ମୋଟା ଅଙ୍କରେ ଦରମା ନେଇ ଚାକିରି କରିଥିବା ବହୁ ସରକାରୀ ବାବୁ ବେଆଇନ ଭାବେ ସରକାରୀ ଜମି ଜବରଦଖଲ କରିବାରେ ବେଶ ଆଗୁଆ ଅଛନ୍ତି । ପ୍ରଶାସନ ଏହିସବୁ ସରକାରୀ ବାବୁ ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ କାହିଁକି ଚୁପମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ଏହି ଆନ୍ଦୋଳନର ପ୍ରଭାବ ଏଥିରେ ମଧ ପରିଲକ୍ଷିତ ହେବ ସନ୍ଦେହ ନାହିଁ ବୋଲି କେତେକ ମତ ଦେଇଛନ୍ତି ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲା ସଦର ମହକୁମାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୧୬/୬ (ନି.ପ୍ର): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁଷୋତ୍ତମ ଦାସ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା,ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ସଦର ବ୍ଲକ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ତହସିଲଦାର ବିଭାଶ ପାଣିଗ୍ରାହୀ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୦୭ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୦୭ ଗୋଟି ଯାକ ବ୍ୟକ୍ତିଗତ ଅଭିଯୋଗ ଥିଲା । କ୍ଷଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେ ପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟ ମେଣ୍ଟ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ।

# ନେପାଳରେ ଚୀନ୍-ସହାୟକ ପ୍ରକଳ୍ପଗୁଡ଼ିକ ଗତିଶୀଳ ହେବ ବୋଲି ଆଶା

ନୂଆଦିଲ୍ଲୀ, ୧୬/୬ : ନେପାଳରେ ଚୀନ୍-ସହାୟକ ପ୍ରକଳ୍ପଗୁଡ଼ିକ ଗତିଶୀଳ ହେବ ବୋଲି ଆଶା କରାଯାଉଛି। ରବିବାର ଦିନ ଚାରି ଦିନିଆ ଚୀନ ଗସ୍ତରେ ଆସିଥିବା ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ ସୋମବାର ଦିନ ତାଙ୍କ ଚୀନ ପ୍ରତିପକ୍ଷ ୱାଙ୍ଗ ୟିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବିବୃତ୍ତି ଅନୁଯାୟୀ, ଏହି ସମୟରେ ଚୀନ୍ ପୂର୍ବରୁ ସହମତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଛି। ଭିତ୍ତିଭୂମି ବିକାଶ, ସଂଯୋଗ ଏବଂ ସଂଯୋଗ, ସୀମା ପରିଚାଳନା, ଶକ୍ତି, ବାଣିଜ୍ୟ, ନିବେଶ, କୃଷି, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଇଜେସନ୍, ପର୍ଯ୍ୟଟନ, ରାସାୟନିକ ସାର, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଅନ୍ୱେଷଣ ଏବଂ ଜନ-ଜନ ସମ୍ପର୍କକୁ ଆହୁରି ମଜବୁତ କରିବା ଭଳି ବିଷୟ ଉପରେ ଦୁଇ ଦେଶର ପ୍ରତିନିଧିମଣ୍ଡଳ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida